# ଶ୍ରୀକ୍ଷେତ୍ର ସିଟି

୨୫/୬/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭୪,୪୨୮/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୮.୨୨୦ ଗ୍ରାମ୍



- ରଥ କନା କାମ ଆରମ୍ଭ

## ତିନିରଥରେ ଲାଗିବ ୧, ୨୫୦ ମିଟର କନା



**ପୁରୀ, ୨୫।୬(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ରଥଖଳାରେ ତିନିରଥ ନିର୍ମାଣ କରାଯାଉଥିବା ବେଳେ ମଙ୍ଗଳଠାରୁ ଆରମ୍ଭ ହୋଇଛି ରଥ କନା କାମ। ରଥ ଉପରେ କନା ଛାଉଣୀ କରାଯିବ। ତେଣୁ ଦରଜୀ ସେବକଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ କନା କାମ ଆରମ୍ଭ ହୋଇଛି। ଧୂପ, ଦୀପ, ମାଳ, ମାହାର୍ଦ୍ଧ ରଖି ପୂଜାର୍ଚ୍ଚନା କରାଯିବା ପରେ କନା କଟା ଶୁଭାରମ୍ଭ ହୋଇଛି। ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ୧୭ ଜଣ ଦରଜୀ ଭାଇ ତିନିରଥର କନା ପ୍ରସ୍ତୁତିରେ ନିୟୋଜିତ ରହିଛନ୍ତି। ପ୍ରଥମେ ବଳଭଦ୍ରଙ୍କ ରଥକନା କଟା ଯାଇ ୮ଟି ବତା ଓ ୨୪ଟି ବିଳାସ ପଟି ତିଆରି କରାଯାଉଛି। ତିନିରଥରେ ମୋଟ ୧, ୨୫୦ ମିଟର କନା ଲାଗିବ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଓ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୪୨୫ ମିଟର ଲେଖାଏ ଏବଂ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ୪୦୦ ମିଟର କନା ବ୍ୟବହୃତ ହେବ। ନନ୍ଦିଘୋଷ ରଥରେ ନାଲି ଓ ହଳଦିଆ ରଙ୍ଗର କନା, ତାଳଧ୍ୱଜ ରଥରେ ନାଲି ଓ ସବୁଜ ଏବଂ ଦର୍ପଦଳନ ରଥରେ ନାଲି ଓ କଳା କନା ବ୍ୟବହାର କରାଯିବ। ଏଥିପାଇଁ ଆବଶ୍ୟକ କନା ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଛି। ତେବେ କାମ ପାଇଁ ୬ଟି ସିଲାଇ ମେସିନ ବ୍ୟବହୃତ ହୋଇଛି। ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ କନା କାମ ଶେଷ ହେବ ବୋଲି ଦରଜୀ ସର୍ଦ୍ଦାର ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀଜୀଉଙ୍କ ଚକା ଅପସର ପାଇଁ ଦରଜି ସେବକମାନେ ସ୍ୱତନ୍ତ୍ର ତକିଆ ମଧ୍ୟ ତିଆରି କରିଥାନ୍ତି।

### ବ୍ୟବସ୍ଥାବଳୀରେ ବାଜିଲା ମୋହର

# ରଥରେ ଯେତେ ଚକ ସେତେ ଘଣ୍ଟୁଆ

**ପୁରୀ, ୨୫।୬(ସମିସ)**

ଆସନ୍ତା ଜୁଲାଇ ୭ରେ ରଥଯାତ୍ରା। ପରେ ପରେ ବାହୁଡ଼ା, ସୁନାବେଶ, ନୀଳାଦ୍ରୀବିଜେ ପ୍ରଭୃତି ପର୍ବପର୍ବାଣି ରହିଛି। ଏଥିପାଇଁ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇ ମୋହର ବାଜିଛି।

ବ୍ୟବସ୍ଥାବଳୀ ଅନୁଯାୟୀ, ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସମାପନ ପରେ ହିଁ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆମାନେ ରଥ ଉପରକୁ ଚଢ଼ିବେ। ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ। ମୋଟାମୋଟି ଯେଉଁ ରଥରେ ଯେତେ ଚକ ସେତେ ଜଣ ଘଣ୍ଟୁଆ ରହିବେ। ଅର୍ଥାତ୍ ତାଳଧ୍ୱଜ ରଥରେ ୧୪, ଦେବଦଳନ ରଥରେ ୧୨ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଘଣ୍ଟୁଆ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ରଥ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀ ତଳକୁ ଓହ୍ଲାଇ ଦେବେ। ଉପସ୍ଥିତ ନିର୍ଦ୍ଧାରିତ ସେବକ ଓ କର୍ମଚାରୀ ଶ୍ରୀଜୀଉଙ୍କୁ ଅବରୋଧ ନ କରି ରଥର ଦୁଇ କଡ଼ରେ ରହିବେ। ଛେରାପହଁରା ପରେ କେବଳ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀ ମିଶି ତାଳଧ୍ୱଜ ରଥରେ ୬୦, ଦେବଦଳନ ରଥରେ ୫୦ ଓ ନନ୍ଦିଘୋଷ ରଥରେ ୭୦ ଜଣଙ୍କ ମଧ୍ୟରେ ସୀମିତ ରହିବେ। ରଥ ଉପରକୁ ଯେପରି କେହି ନଡ଼ିଆ, କଦଳୀ ଆଦି ନ ପକାନ୍ତି ସେଥିପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯିବ। ତିନିରଥର ବାଡ଼ରେ କୌଣସି ସେବକ ବସିପାରିବେ ନାହିଁ କି ଠିଆ ହୋଇ ପାରିବେ ନାହିଁ କିମ୍ବା ଫୁଲ ଇତ୍ୟାଦି ତଳକୁ ପକାଇବେ ନାହିଁ। ରଥ ଉପରେ କୌଣସି ବ୍ୟକ୍ତିଙ୍କୁ ନୃତ୍ୟ କରାଇବା, ଅନଧିକୃତ ବ୍ୟକ୍ତିଙ୍କୁ ଅବସ୍ଥାନ କରାଇବା, ଥଣ୍ଡା ପାନୀୟ ଓ ଜଳ ବୋତଲରେ ପାନ କରିବା, କ୍ୟାମେରା ଓ ମୋବାଇଲ ଫୋନ୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଦଇତାପତି ନିଯୋଗ ଏବଂ ନିୟୋଜିତ ଅଧିକାରୀ ଦୃଷ୍ଟି ଦେବେ। ରଥଟଣା ସମୟରେ ବଡ଼ଦାଣ୍ଡରେ ପ୍ରଶାସନଙ୍କ ସ୍ୱୀକୃତି ବ୍ୟତୀତ କୌଣସି ଡ଼ାକବାଜି ଯନ୍ତ୍ର ବାଜିବ ନାହିଁ। କୌଣସି ସଂସ୍ଥା କିମ୍ବା ସଂକୀର୍ତ୍ତନମଣ୍ଡଳୀ ରଥ ସମ୍ମୁଖରେ ବଡ଼ ବଡ଼ ବ୍ୟାନର ଧରି ଠିଆ ହୋଇପାରିବେ ନାହିଁ। ଶ୍ରୀବିଗ୍ରହମାନଙ୍କର ପହଣ୍ଡି ବିଜେ ପୂର୍ବରୁ ବିଜେ ରାସ୍ତାରେ ରଙ୍ଗୋଲି ଚିତ୍ର ଅଙ୍କନ କରାଯିବା ସମ୍ପୂର୍ଣ୍ଣ ବାରଣ କରାଯିବ। ରଥ ଚାରିପଟେ ଦୀପାଳି ଦୋକାନ ବସିବା ଓ ଦୀପ ଜାଳିବା ସମ୍ପୂର୍ଣ୍ଣ ନିଷେଧ। ପହଣ୍ଡି ସମୟରେ କର୍ଡ଼ନ ଭିତରେ ସ୍ୱତ୍ତ୍ୱଲିପି ମୁତାବକ ଦଇତାପତିଙ୍କ ସହ କେବଳ ଆବଶ୍ୟକ ସଂଖ୍ୟକ ପ୍ରାଧିକୃତ ପହଣ୍ଡି ବିଜେ ନୀତି ସମ୍ପୃକ୍ତ ସେବକ ରହିବେ। ପହଣ୍ଡି ସମୟରେ କୌଣସି ବ୍ୟକ୍ତି ଶ୍ରୀମନ୍ଦିର ପରିସରରେ ନୃତ୍ୟ ପ୍ରଦର୍ଶନ କରିପାରିବେ ନାହିଁ।

### ରଥ ଉପରକୁ ନଡ଼ିଆ, କଦଳୀ ପକାଇବା ମନା

### ଆଜି ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

**ଅଧ୍ୟକ୍ଷତା କରିବେ ଆଇନ ମନ୍ତ୍ରୀ**

ମଙ୍ଗଳବାର ଅନୁଷ୍ଠିତ ହେବ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ଜୁଲାଇ ୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ଏଥିପାଇଁ ପ୍ରଶାସନ କ'ଣ କ'ଣ ପ୍ରସ୍ତୁତି କରିଛି ତାହାର ସମୀକ୍ଷା କରିବେ ଆଇନ ମନ୍ତ୍ରୀ। ପୂର୍ବରୁ ଗତ ଏପ୍ରିଲ ୨୦ ତାରିଖରେ ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ତେବେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ବୈଠକରେ ସବିଶେଷ ସୂଚନା ଦେବେ। କାହାର କ'ଣ କାମ ବାକି ରହିଯାଇଛି, ଅଧିକ କ'ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ କିପରି ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯିବ।







ଆଗେଇ ଚାଲିଛି ରଥ ନିର୍ମାଣ







## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ପୁରୀ ବକ୍ସିଂ ଏକାଡେମୀ

ପୁରୀ, ୨୫।୬(ସମିସ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତିନିଦଫା ଦାବିପତ୍ର ପ୍ରଦାନ କରିଛି ପୁରୀ ବକ୍ସିଂ ଏକାଡେମୀ। ମଙ୍ଗଳବାର ଏକାଡେମୀ କର୍ମକର୍ତ୍ତା ଏହି ଦାବିପତ୍ର ଦେଇଛନ୍ତି। ଏହି ଦାବିଗୁଡ଼ିକ ହେଉଛି ପୁନର୍ବାର ଖୋଲିବାକୁ ଯାଉଥିବା ରାଜ୍ୟ ମୁଷ୍ଟିଯୁଦ୍ଧ ଛାତ୍ରାବାସରେ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି, ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଖେଳାଳୀଙ୍କ ପାଇଁ ବକ୍ସିଂ ଆରିନା ପ୍ରତିଷ୍ଠା ଏବଂ ରାଜ୍ୟରେ ଏକ ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ)ର ମୁଷ୍ଟିଯୁଦ୍ଧ ଛାତ୍ରାବାସ ପ୍ରତିଷ୍ଠା। ଏକାଡେମୀ ତରଫରୁ ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ପୁରୀରେ ରଥଯାତ୍ରା ଦେଖିବେ ରାଷ୍ଟ୍ରପତି !

### ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିପାରନ୍ତି

**ପୁରୀ, ୨୫।୬(ସମିସ)**

ପୁରୀରେ ରଥଯାତ୍ରା ଦେଖିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ! ଏଥିପାଇଁ ଆସନ୍ତା ଜୁଲାଇ ୭ ଓ ୮ ତାରିଖ ଦୁଇଦିନିଆ ଓଡ଼ିଶା ଗସ୍ତରେ ମହାମହିମ ଆସୁଥିବା ସୂଚନା ମିଳିଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ନେଇ ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟତା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ରପତି ହେଉଛନ୍ତି ଜଣେ ଓଡ଼ିଆ ଝିଅ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କର ଇଷ୍ଟ ଦେବତା। ତେଣୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ରାଷ୍ଟ୍ରପତି ଆସୁଥିବା ସୂଚନାକୁ ଅଧିକାରୀମାନେ ଅସ୍ୱୀକାର କରି ନ ଥିଲେ ହେଁ ଏ ନେଇ କୌଣସି ସୂଚନା ସେମାନଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ମଧ୍ୟ ରଥଯାତ୍ରା ଦେଖିବା ଲାଗି ପୁରୀ ଆସୁଥିବା ଶୁଣିବାକୁ ମିଳୁଛି।

### ବ୍ଲକ୍‌ସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

## ବଡ଼ ନୁହେଁ, ଭଲ ମଣିଷ ହେବାକୁ ପରାମର୍ଶ



**ପୁରୀ, ୨୫।୬(ସମିସ):** ବଡ଼ ମଣିଷ ନୁହେଁ ଭଲ ମଣିଷ ହୋଇ ବ୍ରହ୍ମଗିରିକୁ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ଦେବାକୁ ଆହ୍ୱାନ ଦେଇଛନ୍ତି ସମାଜସେବୀ ଡ. ବଦ୍ରିମିଶ୍ର। ବିଶିଷ୍ଟ ଭାଗବତ ସଙ୍ଗଠକ ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭାଗବତ ପ୍ରଚାର ସମିତି ବାମୁଣ୍ଡା ଆନୁକୂଲ୍ୟରେ ବ୍ରହ୍ମଗିରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମିଶ୍ର, ଭାଗବତ ଓ ବୃକ୍ଷର ଅମୃତ ସ୍ପର୍ଶରେ ଚଳିତ ଦଶମ ଶ୍ରେଣୀରେ ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ତମ ବିଦ୍ୟା ସହ ଉତ୍ତମ ସେବାକୁ ପାଥେୟ କରି ସମାଜକୁ ସମୃଦ୍ଧ କରିବାକୁ ପରାମର୍ଶ ଦେଇଥିଲେ। ଭାଗବତାକାର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣ୍ଡଳ ଶିକ୍ଷା ଅଧିକାରୀ କବିରାଜ ଜେନା, ଶିକ୍ଷା ମାଧ୍ୟମରେ ଏକ ବିକଶିତ ଭାରତବର୍ଷ ଗଠନରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ସୂତ୍ରଧର ହେବାକୁ ଉଦ୍‌ବୋଧନ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଓ କୁମାର ପାତ୍ର ଯୋଗଦେଇ ଚଳିତ ଦଶମ ଶ୍ରେଣୀରେ ବ୍ରହ୍ମଗିରି ବ୍ଲକରେ ଏ-୧ ପାଇଥିବା ଛାତ୍ରଛାତ୍ରୀ ସୁଶ୍ରୀ ସୌମ୍ୟା ସାହୁ, ଅର୍ଜୁନ ଜେନା, ଗାୟତ୍ରୀ ପ୍ରଧାନ, ସିଲା ମୁଦୁଲି, ସଙ୍ଘ ପ୍ରସାଦ ପରିଡ଼ା, ପୂଜାରିଣୀ ପରିଡ଼ା, ସୁଚିସ୍ମିତା ବାରିକ୍, ରାଜଶ୍ରୀ ପଲାଇ, ଗୌରବ ପରିଡ଼ା ଓ ଓମ୍ ପ୍ରସାଦ ନାୟକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିବା ବେଳେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ କୃତୀ ଛାତ୍ରଛାତ୍ରୀମାନଙ୍କୁ ଭାଗବତ ସହ ବୃକ୍ଷ ପ୍ରଦାନ କରିଥିଲେ।

## ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର

**ପୁରୀ, ୨୫।୬(ସମିସ)**

ପୁରୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜଙ୍କ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ପୁରୀ ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଏହାକୁ ଉଦ୍‌ଘାଟନ କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା, ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଏଥିସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ। ସେମାନେ କିପରି ଟୋଲ ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ନିଜ ସମସ୍ୟାର ଉପଯୁକ୍ତ ପରାମର୍ଶ ଓ ବିଭିନ୍ନ ଆଇନ ସେବା ପାଇପାରିବେ ସେ ବିଷୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଶିକ୍ଷକ ବିଦ୍ୟାଧର ମିଶ୍ର, ସ୍କୁଲ ଲଗାଲ ଲିଟେରାଶି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ଅରୁଣ ଭଟ୍ଟାଚାର୍ଯ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ତରଫରୁ ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

## କାକଟପୁର ଅଞ୍ଚଳରେ ରୋଡ୍‌ରୋମିଓଙ୍କ ଦୌରାତ୍ମ୍ୟ

ଗମ୍ଭାରୀପଦା, ୨୫।୬(ସମିସ): କାକଟପୁର ଥାନା ଅଞ୍ଚଳରେ ନିଶା କବଳରେ କବଳିତ ପଥଭ୍ରଷ୍ଟ କିଛି ଯୁବକ ଏକପାଖିଆ ପ୍ରେମକରିବା ପାଇଁ ସ୍ଥାନ କାଳପାତ୍ର ଭୁଲି ସ୍କୁଲ, କଲେଜ ଯିବା ଝିଅମାନଙ୍କୁ ପିଛା କରୁଥିବା ଅଭିଯୋଗ ହେଉଛି। ଖରାଛୁଟି ପରେ ଶିକ୍ଷାନୁଷ୍ଠାନ ଗୁଡିକ ନିୟମିତ ଖୋଲା ହେବା ପରେ ରୋଡ଼ରୋମିଓମାନେ ସ୍କୁଲ ସମୟରେ ବାଇକ୍ ଧରି ନିଛାଟିଆ କେନାଲ ବନ୍ଧ ରାସ୍ତାରେ ଚକର ମାରୁଛନ୍ତି। ପ୍ରାଚୀତଟରେ ଥିବା ମଠ ମନ୍ଦିର, କାକଟପୁର ନୂତନ ବସଷ୍ଟାଣ୍ଡ, ଇକୋ ବ୍ୟାଙ୍କ ଠାରୁ ବୋଦଲା ପର୍ଯ୍ୟନ୍ତ ଲମ୍ବିଥିବା କେନାଲବନ୍ଧରେ ରୋଡ଼ରୋମିଓ ଅସାମାଜିକ ତତ୍ୱମାନଙ୍କ ଦୌରାତ୍ମ୍ୟରେ ପଥଚାରୀ, ଯାତ୍ରୀ ପ୍ରତିକ୍ଷାଳୟରେ ଅପେକ୍ଷାରତ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ପ୍ରକାଶ କରିଛନ୍ତି। ଏପରିକି ରୋଡ଼ରୋମିଓ ମାନେ ଛାତ୍ରୀମାନଙ୍କୁ ପ୍ରେମ ନିବେଦନ କରି ବିଫଳ ହେଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି।ଏସବୁକୁ ଦୃଷ୍ଟିରେ ରଖି କାକଟପୁର ପୁଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରି ଅସାମାଜିକତତ୍ୱଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଲରେ ଟଳି ପଡ଼ିଲେ ଚାଷୀ

ନିମାପଡ଼ା, ୨୫।୬ (ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ବଡପାଡି ଗ୍ରାମର ଜଣେ ଚାଷୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ ବଡପାଡି ଗ୍ରାମର ଦେବେନ୍ଦ୍ର ବରାଳ(୫୦) ତାଙ୍କ ଚାଷ ଜମିରେ ଧାନ ବୁଣୁଥିବା ସମୟରେ ଖରା ସହିନପାରି ଚାଷ ଜମିରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଦେଖି ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ଆଜି ଯାଏ ମିଳିନି 'ଫନି' ସହାୟତା

## ୭ ପ୍ରାଣୀ କୁଟୁମ୍ବଙ୍କୁ ନେଇ ପଲିଥିନ୍ ତଳେ ପବନି



କଣାସ, ୨୫।୬(ସମିସ): ପୁରୀ ଜିଲ୍ଲା କଣାସରେ ଅନେକ ଗରିବ ପରିବାର ୨୦୧୯ ମଇ ୩ତାରିଖ ସାମୁଦ୍ରିକ ଝଡ ଫନୀରେ ଅନେକ ଗରିବ ପରିବାରର ଝାଟିମାଟି ଘର ଭୂମିରେ ଲୋଟି ପଡ଼ିଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ଗୃହ ହରାଇଥିବା ପରିବାରଙ୍କୁ ଦିଆଯାଇନଥିବାରୁ ସେମାନେ ପିଲିଥିନି ଟାଣି ଝାଟିମାଟି ଘରେ ବସବାସ କରୁଥିବା ଦେଖିବାକୁ ମିଳିଛି। କଣାସ ବ୍ଲକ ବଡାଲ ପଞ୍ଚାୟତର ବଡଓରା ଗ୍ରାମର ପବନି ସାମନ୍ତରାୟ ତାର ୭ଜଣ ପରିବାର ଫନୀରେ ବାସଗୃହ ହରାଇଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ କୋøଣସି ସରକାରୀ ସହାୟତା ମିଳିପାରିନି। ସରକାରୀ ସହାୟତା ପାଇଁ ବାରମ୍ବାର ସରପଞ୍ଚ, ବିଡିଓ, ତହସିଲଦାରଙ୍କୁ ଜଣାଇଥିବା ବେଳେ କୌଣସି ଅଧିକାରୀ ତାହାର ଗୁହାରି ଶୁଣି ନାହାଁନ୍ତି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ଦିଆଯାଇନଥିବାରୁ ସେ ୭ଜଣ ପରିବାରକୁ ଧରି ପଲିଥିନି ତଳେ ଆଶ୍ରୟ ନେଇଛନ୍ତି। ଏସମ୍ପର୍କରେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ମୋ ସମୟରେ ଏହି କାର୍ଯ୍ୟ ହୋଇନଥିଲା। ପୂର୍ବ ତହସିଲଦାରମାନେ କାହିଁ କି ସେହି ଗରିବ ଲୋକଟିକୁ ସହାୟତା ଏବଂ ଆବସ ଯୋଜନା ପାଇବା ପାଇଁ ନିର୍ଦ୍ଦେଶ ଦେଇନଥିଲେ ମୁଁ ଦେଖୁଛି ବୋଲି କହିଛନ୍ତି।

ଦୟା, ମକରା ନଦୀ ଜଳ ପ୍ରଦୂଷିତ

# ଚର୍ମରୋଗରେ ଆକ୍ରାନ୍ତ ନଦୀକୂଳବାସୀ

କଣାସ, ୨୫।୬(ସମିସ):



ପ୍ରବାଦ ଅଛି ଯେଉଁ ଅଞ୍ଚଳରେ ଯେତେ ନଦୀ ସେହି ଅଞ୍ଚଳ ବିକଶିତ। କିନ୍ତୁ ଆଧିନିକ ସମାଜରେ ଯେଉଁ ଅଞ୍ଚଳରେ ଯେତେ ନଦୀ ସେହି ଅଞ୍ଚଳ ସେତେ ସମସ୍ୟା ବହୁଳ। ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାର ଶାଖା ନଦୀ ରାଜୁଆ, ମକରା ନଦୀ ପ୍ରବାହିତ। ଭୁବନେଶ୍ୱରର ଆବର୍ଜନା ଗଙ୍ଗୁଆ ନାଳ ପାଣି ଦୟାନଦୀକୁ ନିଷ୍କାସନ ହେଉଥିବାରୁ ଦୟାନଦୀ ଓ ତାହାର ଶାଖା ନଦୀ ରାଜୁଆ, ମକରା ନଦୀର ଜଳ ବିଷାକ୍ତ ହୋଇଯାଇଛି। ବିଷାକ୍ତ ଜଳ ପ୍ରବାବରେ ନଦୀରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଞ୍ଚଳବାସୀ ଦୟା ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଅଶୋକ ପ୍ରଧାନ, ସୁକାନ୍ତ କିଶୋର ସାମନ୍ତରାୟ, ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ଶହ ଶହ କର୍ମକର୍ତ୍ତା ଗଙ୍ଗୁଆ ନାଳର ଆବର୍ଜନା ଜଳକୁ ଦୟାନଦୀକୁ ନ ଛାଡିବା ପାଇଁ ବାରମ୍ବାର ଦାବିକରି ଆସୁଛନ୍ତି କିନ୍ତୁ ଦାବିପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ପିପିଲି ବ୍ଲକ, ଜଟଣି

● ମାଛ ମରି ଭାସୁଛନ୍ତି

● ଦୟାନଦୀ ସୁରକ୍ଷା ମଞ୍ଚର ଅନ୍ଦୋଳନ ଚେତାବନୀ

ବ୍ଲକ, ଡେଲାଙ୍ଗ ବ୍ଲକ, କଣାସ ବ୍ଲକର ଶହଶହ ନଦୀକୂଳ ଗ୍ରାମବାସୀ ନଦୀ ଜଳ ଉପରେ ନିର୍ଭର କରୁଥିବାରୁ ସେମାନେ ବିଷାକ୍ତ ଜଳ ବ୍ୟବହାର କରି ବିଭିନ୍ନ ଚର୍ମରୋଗ, କିଡିନ୍ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ପୂର୍ବରୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଦୟାନଦୀକୁ ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ କିପରି ନଆସିବ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଧା ନିଆଯାଇନି। ତୁରନ୍ତ ସମସ୍ୟା ସମାଧାନ ନହେଲେ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଦୟାନଦୀ ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଦୟା ଓ ରାଜୁଆ ନଦୀରେ ଗଡ଼ବଡପୁଟ, ପାଣ୍ଡିଆକେରା, ଚୁପୁରିଙ୍ଗି, ସୁନାଖଳା, ବଡାଲ, ଗୋପିନାଥପୁର, ଗଡ଼ିଶାଗୋଦା ଠାରେ ପାଇପ୍ ଜଳ ପ୍ରକଳ୍ପମାନ ବସାଯାଇ ନଦୀର ବିଷାକ୍ତ ଜଳକୁ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବାରୁ ଜନସାଧାରଣରେ ତିବ୍ର ଅସନ୍ତୋଷ ଦେଖାଦେଇଛି।



# ବିଦ୍ୟାଳୟ ଜମି ଜବରଦଖଲ ଉଚ୍ଛେଦ ହେବ

ଟାଙ୍ଗୀ, ୨୫।୬(ସମିସ) ଟାଙ୍ଗୀ ତହସିଲ ଅଧିନସ୍ଥ କୁଞ୍ଜୁରୀ ପଞ୍ଚାୟତ ଅଧିନସ୍ଥ ନରମାନବୀ ସରକାରୀ ମାଧମିକ ବିଦ୍ୟାଳୟକୁ ୧୦ ଏକର ସରକାରୀ ଜମି ଖେଳପଡ଼ିଆ ଓ ମିନିଷ୍ଟାଡିୟମ ନିର୍ମାଣ ପାଇଁ ଟାଙ୍ଗୀ ତହସିଲ ତରଫରୁ ପଟ୍ଟାପ୍ରଦାନ କରିବା ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ତରଫରୁ ଏଥିପାଇଁ କୌଣସି ତତ୍ପରତା ପ୍ରକାଶ ନପାଇବାରୁ ଉକ୍ତ ସରକାରୀ ଜମିର ପଟ୍ଟା ପ୍ରଦାନ କରାଯାଇ ପାରିନଥିଲା। ତାହାର ସୁଯୋଗ ନେଇ ଗୌରାଙ୍ଗ ବେହେରା ଏହି ଜମି କିଛି ଅଂଶକୁ ଜବରଦଖଲକୁ ନେଇ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ଜାଣିବା ପରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତରଫରୁ ଜବରଦଖଲ ହଟାଇବା ପାଇଁ ଟାଙ୍ଗୀ ତହସିଲଦାର ମିତାଳି ପାତ୍ରଙ୍କୁ ସାକ୍ଷାତ କରି ଅଭିଯୋଗ ଦରଖାସ୍ତ ଦାଖଲ କରିଥିଲେ। କୁହୁଡି ରାଜସ୍ୱ ନିରୀକ୍ଷକ ତୁରନ୍ତ ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ କୁହୁଡି ରାଜସ୍ୱ ନିରୀକ୍ଷକ ରିପୋର୍ଟ ଦାଖଲ କରିସାରିଛନ୍ତି। ମଙ୍ଗଳବାର ଦିନ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭ୍ୟମାନେ ଟାଙ୍ଗୀ ତହସିଲଦାର ମିତାଳି ପାତ୍ରୁ ସାକ୍ଷାତ କରିଥିଲେ। ଜବରଦଖଲ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ବିଧିବଦ୍ଧ ନୋଟିସ ପ୍ରଦାନ କରାଯାଇ ମାସକ ମଧ୍ୟରେ ବିଦ୍ୟାଳୟ ନାମରେ ପଟ୍ଟା ଦେବା କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦେଇଥିବା ଜଣାପଡ଼ିଛି।

● ସରକାରୀ ନିର୍ମାଣ କାର୍ଯ୍ୟରେ ମାଗିଲେ ଦାଦାବଟି

## ବଟି ନଦେବାରୁ ଆକ୍ରମଣ କରି ନିର୍ମାଣ କାର୍ଯ୍ୟ ଭାଙ୍ଗିଲେ

ଡେଲାଙ୍ଗ, ୨୫।୬(ସମିସ): ଡେଲାଙ୍ଗ ଅଞ୍ଚଳରେ ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରୀ କାର୍ଯ୍ୟକୁ ଜୋରଜବରଦସ୍ତ ବନ୍ଦ କରି ଦାଦାବଟି ମାଗିବା ଓ ନଦେବାରୁ ଆକ୍ରମଣ କରିବା ନେଇ ଠିକାଦାର ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏଭଳିଏକ ଅଭାବନିୟ ଘଟଣା ପୁରୀ ଜିଲ୍ଲାର ଡେଲାଙ୍ଗ ଥାନା ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗୋଡିପୁଟ ମାଟିଆପଡ଼ା ପଞ୍ଚାୟତ ସ୍ଥିତ ଅରାଗଡ଼ ମୁଣ୍ଡିଆର ବୌଦ୍ଧପୀଠ ଉନ୍ନତୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୭୦ ଲକ୍ଷ ୬୩ ହଜାର ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲିଛି। ଭରତ ଦାସ ନିର୍ମାଣ କାର୍ଯ୍ୟର ବୁଝାସୁଝା କରୁଛନ୍ତି। ଗତ ୨୩ ତାରିଖ ସନ୍ଧ୍ୟା ସମୟରେ ହରିପୁର ଗ୍ରାମର ମିଟା ଚମ୍ପତି, ନିଲୁ ସାମନ୍ତରାୟ, ପଣ୍ଟୁଆ ବରାଳ, ବୁଲୁ ଚମ୍ପତି ଓ ତାଙ୍କ ସହଯୋଗୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଥିବା ଶ୍ରମିକମାନଙ୍କୁ କାମ ବନ୍ଦ କରିବା ପାଇଁ ଧମକ ଦେଇଥିଲେ। ଶ୍ରମିକମାନେ ଏନେଇ ଠିକାଦାରଙ୍କୁ ଖବର ଦେଇଥିଲେ। ଟଙ୍କା ନଦେଲେ କାମ କରି ପାରିବ ନାହିଁ ବୋଲି ଯୁବକମାନେ ଧମକ ଦେବା ସହିତ ଶ୍ରମିକମାନଙ୍କ ପାଇଁ ନିର୍ମିତ ଅସ୍ଥାୟୀ କ୍ୟାମ୍ପକୁ ଭାଙ୍ଗିବା ଓ ଶ୍ରମିକମାନଙ୍କୁ ଗାଳିମନ୍ଦ କରି ଆକ୍ରମଣ କରିଥିଲେ। ଯୁବକମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲେ। ସେଠାରେ ନିର୍ମିତ କେତେକ ସ୍ଥାନରେ ଭଙ୍ଗାରୁଜା କରିବା ଓ ଶ୍ରମିକମାନଙ୍କୁ ମାଡମାରି ଆହତ କରିଥିବା ନେଇ ଭରତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ତେବେ ସରକାରୀ କାର୍ଯ୍ୟରେ ବଧାସୃଷ୍ଟିବା, ସରକାରୀ ସମ୍ପତିକୁ ଭାଙ୍ଗିନଷ୍ଟ କରିବା, ଦାଦା ବଟିମାଗିବା ଓ ନଦେବାରୁ ଆକ୍ରମଣ କରିବା ଅଭିଯୋଗ ଅଧାରରେ ପୁଲି ମାମଲା ରୁଜୁ କରିଛି। ଅନ୍ୟପଟେ ଘଟଣାର ଅନୁସନ୍ଧାନ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ଅଣଓସାରିଆ ପୁରୁଣା ବ୍ରିଜ୍

# ଦବିଗଲା ବ୍ରିଜ; ଯାତାୟାତ ବନ୍ଦ



କୁଣ୍ଡେଇ, ୨୫।୬(ସମିସ): କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ ଅଧୀନରେ ଥିବା କାକଟପୁର -ପାଟସୁନ୍ଦରପୁର ଭାୟା ବିଶ୍ୱମିତ୍ର ରାସ୍ତା।ଏହି ରାସ୍ତାର ଡେଲଟା ଛକ କେନାଲ ଉପରେ ଥିବା ପୁରୁଣା ବ୍ରିଜ ଦବି ଯିବା ଫଳରେ ଗାଡି ମୋଟର ଯାତାୟତରେ ବାଧା ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଆଜକୁ ୫୫ ବର୍ଷ ତଳେ କାକଟପୁର ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ସମୟରେ କାକଟପୁର ଜଳସେଚନ ବିଭାଗ ସେହି ସମୟରେ ଉକ୍ତ ବ୍ରିଜକୁ ନିର୍ମାଣ କରିଥିଲା।୨୦୦୪ ମସିହାରେ କାକଟପୁର-ପାଟସୁନ୍ଦରପୁର ରାସ୍ତାଟି କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଯିବାପରେ ୨୦୦୫ ମସିହାରେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ ନୂଆ ରାସ୍ତା ନିର୍ମାଣ କରିଥିଲେ। ସମୁଦାୟ ରାସ୍ତାରେ ପୂର୍ବରୁ ଥିବା ତିନିଟି ପୁରୁଣା ବ୍ରିଜକୁ ନୂତନ ଭାବେ ଠିକାଦାର ନିର୍ମାଣ ନକରି ବ୍ରିଜ ଗୁଡିକୁ କେବଳ ମରାମତି କରିଥିଲା। ସେ ସମୟରେ ସ୍ଥାନୀୟ ଲୋକେ ପ୍ରତିବାଦର ସ୍ୱର ଉଠିଥିଲେ ମଧ୍ୟ ତତ୍କାଳୀନ ନିମାପଡ଼ା ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କାକଟପୁର ଗ୍ରାମ୍ୟ ଉନ୍ନୟନବିଭାଗ ଏସଡିଓ, କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କର୍ଣ୍ଣପାତ କରିନଥିଲେ ବୋଲି ସ୍ଥାନୀୟ ଲୋକ କହୁଛନ୍ତି।କେତେକ ଠିକାଦାର ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଉକ୍ତ ରାସ୍ତାର ଡ୍ରଇଁ ଡିଜାଇନ ସେ ସମୟରେ ଏକାଧିକବାର ବଦଳା ଯାଇଥିବା ବେଳେ ଏଷ୍ଟିମେଣ୍ଟ ମୁତାବକ ରାସ୍ତା ଯେଉଁ ବାଟ ଦେଇ ଯିବା କଥା ସେ ବାଟରେ ନଯାଇ ଜମି ମଧ୍ୟରେ ନିର୍ମାଣ କରାଯାଇଥିଲା। ୨୦୦୭ ମସିହା ଠାରୁ ଡେଲେଟା ପାଖ ବ୍ରିଜର ଅବସ୍ଥା ବେଳକୁ ବେଳ ଦୁର୍ବଳ ହେଉଛି। ଅନ୍ୟପକ୍ଷରେ ୨୦୧୦ ମସିହା ଠାରୁ ଏହି ରାସ୍ତାର ଆରଡିକୁ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏକାଧିକ ବାର ଓଲଟ ପାଲଟ କରି ରାସ୍ତା ନିର୍ମାଣ ଓ ମରାମତି ଆଳରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ସତ୍ୱେ ବିଭାଗ ବ୍ରିଜ ନିର୍ମାଣ କି ମରାମତି କରିବାର ନାଁ ଧରୁନଥିଲା। କାକଟପୁର ଜଳସେଚନ ବିଭାଗକୁ ଲୋକେ ଅଭିଯୋଗ କଲେ ଜଳ ସେଚନ ବିଭାଗ କହୁଛି ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ଏଣୁ ରାସ୍ତା ସହ ବ୍ରିଜର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗର ବୋଲି କହୁଛି। ଏବେ ବ୍ରିଜ ଦବି ଯିବାରୁ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଚେତା ପସିଛି ଲୋକଙ୍କ ସଚେତନତା ପାଇ ବାଉଁଶ ବାନ୍ଧି ବ୍ୟାନର ଟାଙ୍ଗିଛି। ସ୍ଥାନୀୟ ଲୋକ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଅସ୍ତରଙ୍ଗ ଅଞ୍ଚଳରେ ନକଲି ମୃଦୁ୍ୟ ପାନୀୟ ବିକ୍ରି

# ପେଟ ରୋଗରେ ଲୋକ ଆକ୍ରାନ୍ତ

ଅସ୍ତରଙ୍ଗ, ୨୫।୬(ସମିସ):



ପ୍ରଶାସନ ପକ୍ଷରୁ ନିଆଯାଉନି ପଦକ୍ଷେପ

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ନକଲି ପାଣିପାଉଚ, ପାଣି ବୋତଲ ସାଙ୍ଗକୁ ବିଭିନ୍ନ ପ୍ରକାର ନକଲି ଥଣ୍ଡା ଓ ସୋଢା ବେଧଡକ ବିକ୍ରି ଚାଲିଛି। ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପୁଲିସ ପ୍ରଶାସନର ଅଙ୍କୁଶ ନଥିଲା ପରି ମନେ ହେଉଛି। ବିନା ଲାଇସେନ୍ସ ଓ ବିନା ଟେଷ୍ଟିଙ୍ଗିରେ ନକଲି ଥଣ୍ଡା ପାନୀୟକୁ ଉତ୍ପାଦନ କରୁଥିବା ବେନାମୀ କାରଖାନା ମାଲିକ ଓ ବଜାରରେ ନକଲି ଥଣ୍ଡା ପାନୀୟ ବିକ୍ରୟ ହେଉଛି। ବିକ୍ରୟ କରୁଥିବା ଦୋକାନୀମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ନକଲି ଥଣ୍ଡା ପାନୀୟକୁ ସେବନ କରି ଲୋକମାନେ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳର ଜନୈକ ପ୍ରତିଷ୍ଠିତ ଡାକ୍ତର ପ୍ରକାଶ କରିଛନ୍ତି। ଅଧିକାଂଶ ଦୋକାନରେ ଯେଉଁ କମ୍ପାନୀ ଗୁଡିକର ପାଣି ପାଉଚ, ବୋତଲ ପାଣି ଏବଂ ଥଣ୍ଡା ବିକ୍ରି ହେଉଛି ସେହି କମ୍ପାନୀ ଗୁଡିକ ମଧ୍ୟରୁ ଅଧିକାଂଶ କମ୍ପାନୀ ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ପାଣି ଓ ଥଣ୍ଡା ପ୍ୟାକିଙ୍ଗି କରୁଛନ୍ତି କି ନାହିଁ ତଥା ଯାଞ୍ଚ କରାଯାଉଛି କି ନାହିଁ ସାଧାରଣରେ ପ୍ରଶ୍ନ ଉଠିଛି। ପାଣି ଓ ଥଣ୍ଡା କରିବା ପାଇଁ ସରକାରଙ୍କ ବିଭିନ୍ନ ନୀତି ନିୟମ ରହିଛି। କମ୍ପାନୀର ଟ୍ରେଡ଼ମାର୍କ, ପାଣିର ଟେଷ୍ଟିଙ୍ଗ ସାଟିଫିକେଟ, ଲାବୋରାଟ୍ରୋରୀ ସାର୍ଟିଫିକେଟ, ବିଏସଆଇ, ଆଇଏସଆଇ ମାନ୍ୟତା ସାର୍ଟିଫିକେଟ, ଫୁ ଡ ଲା ଇ ସେ ନ୍ସ ଆଦି ଏକାଧିକ ସର୍ତ୍ତ ଓ ସର୍ତ୍ତାବଳୀ ସହ ଉତ୍ପାଦିତ ପାନୀୟ ଜଳ ଓ ଥଣ୍ଡାର ସ୍ୱଚ୍ଛତା, ଶୁଦ୍ଧତା ପାଇଁ ନିୟମ ରହିଛି। କିନ୍ତୁ ଏଠାରେ ତଥାକଥିତ ବେନାମୀ ପାଣି କମ୍ପାନୀମାନେ ଉପରୋକ୍ତ ସର୍ତ୍ତ ସର୍ତ୍ତାବଳୀକୁ ଗୁରୁତ୍ୱ ନଦେଇ କେବଳ ଲୋକ ଦେଖାଣିଆ ଭାବେ ଫୁଡ ଲାଇସେନ୍ସଟିଏ ହାତେଇ ପାଣି ଉତ୍ପାଦନ ହେଉଥିବା କାରଖାନା କାନ୍ଥରେ ଟାଙ୍ଗୀ ଦେଇ ଦୀର୍ଘ ଦିନ ଧରି ବେପାର ଚଳାଇ ଆସୁଛନ୍ତି। ଏହି ପାଣି ପାଉଚ ଓ ଥଣ୍ଡା ବୋତଲ ଗୁଡିକ କିଛି ଦିନ ରହିବା ପରେ ଗନ୍ଧ ବାହାରୁଥିବା ବେଳେ ସ୍ୱାଦ ମଧ୍ୟ ଅଲଗା ଲାଗୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପୁଲିସ ଓ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କୋର୍ଡ ଗଠନକରି ଅଚାନକ ଭାବେ ବେନାମୀ ପାଣି ଓ ଥଣ୍ଡା ପ୍ରସ୍ତୁତି କାରଖାନା ଓ ବିକ୍ରି କରୁଥିବା ଦୋକାନୀମାନଙ୍କ ଉପରେ ଚଢ଼ଉ କରି ଉତ୍ପାଦିତ ପାଣି ଓ ଥଣ୍ଡାର ନମୁନା ସଂଗ୍ରହ କଲେ ଉତ୍ପାଦିତ ଥଣ୍ଡା ପାନୀୟ ଜଳରେ କେତେ ଶୁଦ୍ଧତା ଓ ଗୁଣବତ୍ତା ରହିଛି ଜଣାପଡନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## 'ଏଇ ମୋ ଛୋଟ ଗାଁଟି' ପୁସ୍ତକ ଉନ୍ମୋଚିତ



ନିମାପଡ଼ା, ୨୫।୬(ସମିସ): ନିମାପଡ଼ା ନିକଟସ୍ଥ ଅମିତ-ଅଙ୍କିତ ଫାର୍ମ ହାଉସ ପରିସରରେ ଏକ କବି ସମ୍ମିଳନୀ ଶିକ୍ଷାବିତ୍ ଗୌରହରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶ୍ରମିକନେତା ମହେଶ୍ୱର ରାଉତ, ସମ୍ମାନିତ ଅତିଥିଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଏଏସ କୈଳାଶ ଚନ୍ଦ୍ର ବେହେରା, ପ୍ରଫେସର ଡଃ ରବୀନ୍ଦ୍ର ନାଥ ପାଢ଼ୀ, ଶିକ୍ଷାବିତ୍ ବସନ୍ତ କୁମାର ପାତ୍ର, ଲେଖିକା ରଶ୍ମିତା ଦାଶ, କବୟିତ୍ରୀ ତପସ୍ୱନୀ ନାୟକ, କବୟିତ୍ରୀ ମହାପାତ୍ର, କେନ୍ଦୁଝର ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ସହଦେବ ପରିଡ଼ା ଓ ଶିବବ୍ରତ ଗୁରୁଙ୍କ ସମେତ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇଥିଲେ।ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଜୟଦେବ ବେହେରାଙ୍କ ଲିଖିତ 'ଏଇ ମୋ ଛୋଟ ଗାଁଟି' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରେ ଉପସ୍ଥିତ କବି ଓ କବୟିତ୍ରୀମାନେ ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

ଜିଲ୍ଲାରେ ମାଳମାଳ ନକଲି ଭତ୍ତା ହିତାଧିକାରୀ

# ଭୋଟର ଲିଷ୍ଟରେ ବୟସ ବଢ଼ାଇ କେଳେଙ୍କାରୀ

- ଠିକା ଡାଟା ଏଣ୍ଟ୍ରି ଅପରେଟରଙ୍କ ଭୂମିକା ସନ୍ଦେହରେ
- ଜିଲ୍ଲାରେ ୧୦ ହଜାରରୁ ଉର୍ଦ୍ଧ୍ୱ ନକଲି ହିତାଧିକାରୀ

ନୟାଗଡ଼, ୨୫।୬(ସମିସ): ନୟାଗଡ଼ ଜିଲ୍ଲାରେ ଭତ୍ତା ହିତାଧିକାରୀ ଚୟନରେ ଏକ ବଡଧରଣର କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି। ନୂଆଗାଁ ବ୍ଲକରେ ଏନେଇ ଖୋଳତାଡ ଚାଲିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କେଳେଙ୍କାରୀ ହୋଇଥିବା ଅନୁମାନ କରାଯାଉଛି। ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ଭୋଟର ଲିଷ୍ଟରେ ବୟସ ବଢ଼ାଇ ଭତ୍ତା ହିତାଧିକାରୀଙ୍କୁ ଚୟନ କରାଯାଇଥିବା ଅନେକ ସ୍ଥାନରୁ ଅଭିଯୋଗ ଆସୁଛି। ନୟାଗଡ଼ ନିର୍ବାଚନ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ଭୋଟର ଲିଷ୍ଟ ଏବଂ ଭୋଟର ପରିଚୟ ପତ୍ରରେ ବୟସ ବଢ଼ାଇ ଅପ୍ରାପ୍ତ ବୟସ୍କ ତଥା ୬୦ ବର୍ଷରୁ କମ ଲୋକ ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ନକଲି ଦିବ୍ୟାଙ୍ଗ ଏବଂ ବୟସ ବଢ଼ାଇ ଜାଲିଆତି ହୋଇଥିବା ଭତ୍ତା ହିତାଧିକାରୀଙ୍କ ସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ, ୪ଟି ଏନ୍‌ଏନସି ଏବଂ ପୌର ପରିଷଦ ଅଧିନରେ ସାମାଜିକ ସୁରକ୍ଷା ବିଭାଗର ୧୩ ଜଣ ଠିକା ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ଏମ୍‌ଏସ୍ କେୟାର ସର୍ଭିସ ଜରିଆରେ ସାମାଜିକ ସୁରକ୍ଷା ବିଭାଗ ନିଯୁକ୍ତି ଦେଇଛି। ଏମାନଙ୍କ ମଧ୍ୟରୁ ଅନେକ ନିଜ ବ୍ଲକ ତଥା ଏନ୍‌ଏସି ଅଞ୍ଚଳରେ କାର୍ଯ୍ୟ କରୁଥିବାରୁ ସାଂଘାତିକ ଘୋଟାଲା କରିବାକୁ ସୁବିଧା ପାଇଛନ୍ତି। ଏହି ଡାଟା ଏଣ୍ଟ୍ରି ଅପରେଟରମାନେ ମୋଟା ଅଙ୍କର ଅର୍ଥ ଆଦାୟ କରି ନୟାଗଡ଼ ଜିଲ୍ଲାରେ ଭତ୍ତା ଅନିୟମିତତାର ମୁଖ୍ୟ କାର୍ପଟଦାର ସାଜିଥିବା ଅଭିଯୋଗ ହୋଇଛି। ନୂଆଗାଁ ବ୍ଲକରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ବ୍ଲକରେ ଅନେକ ଅପ୍ରାପ୍ତ ବୟସ୍କଙ୍କ ଭତ୍ତା ପାଇବା ପାଇଁ ଚୟନ ହୋଇଥିବା ନେଇ ଆଲୋଚନା ହେଉଛି। ସେହିଭଳି ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅପ୍ରାପ୍ତ ବୟସ୍କ ଏବଂ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ରଧାରୀଙ୍କ ଭତ୍ତା କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ହିତାଧିକାରୀ ପିଛା ୧୦ ହଜାର ଟଙ୍କା ଲେଖାଏଁ ଆଦାୟ କରି କେଳେଙ୍କାରୀ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଭୋଟର ଲିଷ୍ଟରେ ବୟସ ବଢ଼ାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଡିଇଓ ମଧ୍ୟ ବେଶ ଭଲ ପଇସା ହାତଗୁଞ୍ଜା ପାଉଥିବା ଜୈନିକ ହିତାଧିକାରୀ କହିଛନ୍ତି। ନୟାଗଡ଼ ଜିଲ୍ଲାରେ ଜାତୀୟ ପେନ୍‌ସନ ଯୋଜନାରେ ୫୩ ହଜାର ୧୯୭ ଜଣ ହିତାଧିକାରୀ ଭତ୍ତା ପାଉଥିବା ବେଳେ ମଧୁବାବୁ ପେନ୍‌ସନ ଯୋଜନାରେ ୧ ଲକ୍ଷ ୩ ହଜା ୩୯୩ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆବେଦନ କରିଥିବା ସମସ୍ତ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରିବାକୁ ଘୋଷଣା କରିଥିଲେ। ଏହାର ସୁଯୋଗ ନେଇ ଘଡିସନ୍ଧି ମୂହୁର୍ତ୍ତରେ ଏଭଳି କେଳେଙ୍କାରୀ କରାଯାଇଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏକ ସ୍ୱତନ୍ତ୍ର କମିଟି ଜରିଆରେ ସମସ୍ତ ଭତ୍ତା ହିତାଧିକାରୀଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହା ସହିତ ଏମ୍‌ଏସ୍ କେୟାର ସର୍ଭିସ ଜରିଆରେ ବିଭିନ୍ନ ବ୍ଲକ ଓ ଏନଏସିରେ ନିଯୁକ୍ତି ପାଇଥିବା ଠିକା ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟାନ୍ତର କରି ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି ହେଉଛି। ନୟାଗଡ଼ ଜିଲ୍ଲାରେ ଭତ୍ତାରେ ହୋଇଥିବା କେଳେଙ୍କାରୀ ଉପରୁ ପରଦା ହଟାଇବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ନିର୍ମାଣ ପରେ ବି ଖୋଲୁନି ଓଭର ବ୍ରିଜ

# ଲେଭେଲ୍‌କ୍ରସିଂ ରାସ୍ତାରେ ଆଣ୍ଠୁଏ ପାଣି



ନୟାଗଡ଼, ୨୫।୬(ସମିସ): ଦୀର୍ଘବର୍ଷ ଧରି ରେଳ ବିଭାଗ ପକ୍ଷରୁ ନୟାଗଡ଼-ଖଣ୍ଡପଡ଼ା ରୋଡରେ ଚାଲିଥିବା ଓଭରବ୍ରିଜ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହି ରାସ୍ତା ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବା ଯୋଗୁଁ ପ୍ରତିଦିନ ଲେଭେଲ୍‌କ୍ରସିଂ ପାଖରେ ଦୀର୍ଘ ସମୟ ଧରି ଭିଡ଼ ହେଉଥିଲା। ରେଳ ବିଭାଗ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁନଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ଆସୁଥିଲା। ଓଭର ବ୍ରିଜ ରାସ୍ତାରେ ପିଚୁ ପକାଯିବା ପରେ ଗୋଟିଏ ଦିନ ପାଇଁ ଉକ୍ତ ରାସ୍ତାରେ ଯାତାୟତ ପାଇଁ ସୁଯୋଗ ଦିଆଯାଇଥିଲା। ଏହା ପରେ ରାସ୍ତା କାମ ବାକି ଥିବା ଦର୍ଶାଇ ଠିକା ସଂସ୍ଥା ପକ୍ଷରୁ ରାସ୍ତାକୁ ବନ୍ଦ କରି ଦିଆଯାଇଛି। ଫଳରେ ନୟାଗଡ଼ ଖଣ୍ଡପଡ଼ା ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଲେଭେଲ୍‌କ୍ରସିଂ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଥିବା ବେଳେ ବର୍ଷା ପାଇଁ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ୫ ଶହ ମିଟର ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ଖମା ହୋଇ ପାଣି ଜମି ରହୁଥିବା କାରଣରୁ ବାଇକ ଯୋଗେ ଯାଆସ କରୁଥିବା ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ମରାମତି କରାଯିବା ଆବଶ୍ୟକ ହୋଇଥିବା ବେଳେ ରେଳ ବିଭାଗ ବର୍ଷା ପୂର୍ବରୁ ଏଥିପ୍ରତି ଆଦୌ ଧ୍ୟାନ ଦେଇନଥିଲା। ଏବେ ବର୍ଷା ଆରମ୍ଭ ହୋଇଥିଲେ ସୁଦ୍ଧା ନିର୍ମାଣ ସରିଥିବା ଓଭର ବ୍ରିଜ ଉପରେ ଯାତାୟତ ବନ୍ଦ ରଖାଯିବାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବାଲି ବସ୍ତା ପକାଇ ଓଭର ବ୍ରିଜ ଉଭୟ ପାର୍ଶ୍ୱରୁ ବନ୍ଦ ରଖାଯାଇଛି। ତୁରନ୍ତ ଓଭର ବ୍ରିଜ ରାସ୍ତାରେ ଯାତାୟତ ପାଇଁ ସୁବିଧା ଦେବାକୁ ଦାବି ହେଉଛି।

ଆଜି ନିଶା ନିବାରଣ ସଚେତନତା ଦିବସ

# ଅବାଧ ନିଶା କାରବାରରେ ଲାଗୁନି ବ୍ରେକ୍

ନୟାଗଡ଼, ୨୫।୬(ସମିସ): ନୟାଗଡ଼ ଜିଲ୍ଲାରେ ଅବାଧ ନିଶା କାରବାର ବହୁଳ ମାତ୍ରରେ ଚାଲିଛି। ବ୍ରାଉନସୁଗରଠାରୁ ଡେଣ୍ଡେରାଇଟ୍ ପର୍ଯ୍ୟନ୍ତ ଅନେକ ନିଶା ଯୁବପିଢ଼ୀ ପଥଭ୍ରଷ୍ଟ ହେଉଛନ୍ତି। ନୟାଗଡ଼ ଜିଲ୍ଲାରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବହୁଳ ମାତ୍ରରେ ଚାଲିଥିବା ବେଳେ ଗଞ୍ଜେଇ କାରବାର ମଧ୍ୟ ବ୍ୟାପକ ପରିମାଣର ଚାଲିଛି। ପୁଲିସ ଓ ଅବକାରୀ ବିଭାଗ ଯେତିକି ମାତ୍ରରେ ନିଶା କାରବାର ରୋକିବାକୁ ପଦକ୍ଷେପ ନେଉଛି। ନିଶା ମାଫିଆମାନେ ଅଧିକ ଚତୁରତାର ସହିତ କାରବାର ଚଳାଇ ଆସୁଛନ୍ତି। ପଡୋଶୀ ଖୋର୍ଦ୍ଧା ଜିଲ୍ଲାରୁ ବ୍ରାଉନସୁଗର ନୟାଗଡ଼ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣକୁ ଆସୁଛି। ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରୁ ବ୍ୟାପକ ପରିମାଣର ଗଞ୍ଜେଇ ନୟାଗଡ଼ ଆସୁଥିବା ବେଳେ ନୟାଗଡ଼ ଦେଇ ଅନ୍ୟ ଜିଲ୍ଲାକୁ ସର୍ବାଧିକ ଗଞ୍ଜେଇ ଚାଲାଣ ହେଉଛି। ପ୍ରତ୍ୟେକ ବର୍ଷ ଭଳି ନିଶା ନିବାରଣ ତଥା ମାଦକ ଦ୍ରବ୍ୟ ସେବନ ସଚେତନତା କେବଳ ଦିବସ ପାଳନରେ ସିମୀତ ରହୁଛି। ନୟାଗଡ଼ରେ ବ୍ୟାପକ ପରିମାଣର ବେଆଇନ ଗୁଟଖା କାରବାର ହେଉଛି। ଏଥିପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ଜିଲ୍ଲାରେ ନିଶା ନିବାରଣ ସଚେତନତା ସହ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

## ନିଶାଦ୍ରବ୍ୟ ସେବନ କୁପରିଣାମ ସଚେତନତା



ନୟାଗଡ଼, ୨୫।୬(ସମିସ): ନିଶାଦ୍ରବ୍ୟ ସେବନ କୁପରିଣାମ ସମ୍ପର୍କରେ ବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ଲେଙ୍କୁଡିପଡ଼ା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ସଭାପତିତ୍ୱ କରି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ସ୍ୱାଇଁ, ବିଦ୍ୟାଳୟରେ ପ୍ରହରୀ କ୍ଲବର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ନାୟକ ଜଣେ ଛୋଟ ପିଲା, ଜଣେ ବୟସ୍କ ଲୋକଙ୍କୁ ଭଲ ଭାବେ ନିଶାଠାରୁ ଦୂରେଇ ରହିବା ପାଇଁ ବୁଝାଇ ପାରିବ ବୋଲି ମତ ରଖିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ତଥା ବକ୍ତା ଭାବେ ଯୋଗ ଦେଇଥିଲେ ପ୍ରାକ୍ତନ ଅଧ୍ୟକ୍ଷ ରଘୁନାଥ ସମବାୟ ମହାବିଦ୍ୟାଳୟ, ସମ୍ପ୍ରତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦସ୍ୟ, ତଥା ଜିଲ୍ଲା ନିଶା ନିବାରଣ କମିଟି ସଦସ୍ୟ ମହମ୍ମଦ ଓମାର ମଲ୍ଲିକ, ନିଶା ସେବନ ସାମାଜିକ, ଅର୍ଥନୈତିକ, ମାନସିକ ଶାରିରୀକ କୁ ପ୍ରଭାବ ଓ ସେସବୁର ଆଇନଗତ ଦିଗ ଗୁଡ଼ିକ ବିଷୟରେ ଆଲୋକପାତ୍ର କରିଥିଲେ। ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ।

## ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା; ଚାଷୀ ଆଶ୍ୱସ୍ତ

ନୟାଗଡ଼, ୨୫।୬(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜିଠାରୁ ଲଗାଣ ବର୍ଷା ଆରମ୍ଭ ହୋଇଛି। ଏହାକୁ ନେଇ ଚିନ୍ତାରେ ଥିବା ଚାଷୀ କୂଳ ଆଶ୍ୱସ୍ତ ହୋଇଥିବା ବେଳେ ଚାଷ ମଧ୍ୟ ଆଶ୍ୱସ୍ତ ହୋଇଛି। ନୟାଗଡ଼ ଜିଲ୍ଲାରେ ୯୦ ପ୍ରତିଶତ ଜମିରେ ଧାନ ଚାଷ କରାଯାଉଛି। ଅନେକ ସ୍ଥାନରେ ଧାନ ବୁଣା ଯାଇଥିବା ବେଳେ ଅନେକ ସ୍ଥାନରେ ରୁଆ ପାଇଁ ତଳି ପକାଯାଇଛି। ବର୍ଷା ଆରମ୍ଭ ହୋଇନଥିବାରୁ ଧାନ ଗଛ ବାହାରିବ ନାଁ ନାହିଁ, ତାକୁ ନେଇ ଚିନ୍ତାଜନକ ସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହେବା ପରେ ଚାଷୀ କୂଳ ଆଶ୍ୱସ୍ତ ଅନୁଭବ କରୁଛନ୍ତି। ଜୁନ ମାସରେ ନୟାଗଡ଼ ଜିଲ୍ଲାରେ ହାରାହାରି ୭୪.୬୩ ମିଲିମିଟର ବର୍ଷା ହୋଇଛି। ଏହା ମଧ୍ୟରୁ ଭାପୁର ବ୍ଲକରେ ୬୧ ମିଲିମିଟର, ଦଶପଲ୍ଲାରେ ୯୯, ଗଣିଆରେ ୧୪୧, ଖଣ୍ଡପଡ଼ାରେ ୮୫, ନୟାଗଡ଼ରେ ୨୭, ନୂଆଗାଁରେ ୧୧୨, ଓଡଗାଁରେ ୩୯, ରଣପୁରରେ ୨୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଜିଲ୍ଲାରେ ସୋମବାର ସୁଦ୍ଧା ହୋଇଥିବା ବର୍ଷା ତୁଳନାରେ ମଙ୍ଗଳବାର ବର୍ଷା ଚାଷୀଙ୍କୁ ବେଶ ଖୁସି ଦେଇଛି।

# ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ




ଓଡଗାଁ, ୨୫।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାକେରୀ ରାହାସ ବିଦ୍ୟାପୀଠରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଆକସ୍ମିକ ବିପଦ ତ୍ୱରିତ ମୁକାବିଲା ପାଇଁ ଯେଉଁ ଉପାୟ ଅବଲମ୍ବନ କରାଯିବ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ସର୍ଟସର୍କିଟ କାରଣରୁ ହଠାତ୍ ଅଗ୍ନି କାଣ୍ଡ ଘଟିଲେ ତାକୁ କିପରି ନିର୍ବାପିତ କରାଯିବ, ପ୍ରଦୁ୍ୟଷିତ ଜଳକୁ କିପରି ସୁଦ୍ଧ ପାନୀୟ ଜଳରେ ପରିବର୍ତ୍ତିତ କରାଯିବ, ବିଦ୍ୟାଳୟର କାନ୍ଥ ବିପଦପୂର୍ଣ୍ଣ ଥିଲେ କିପରି ଜାଣିବ, ବିଦ୍ୟାଳୟ ପରିସରରେ ସାପଗାତ, ଖୋଲା କୁଅ, ପୋଖରୀ ଥିଲେ ସେଥିପ୍ରତି କିପରି ସତର୍କତା ଅବଲମ୍ବନ କରିହେବ ସେନେଇ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ କରିଥିଲେ। ଏଥିନିମନ୍ତେ ବିଦ୍ୟାଳୟରେ ଫାଷ୍ଟେଡବକ୍ସ, ଅଗ୍ନି ନିର୍ବାକ ଯନ୍ତ୍ର ରଖିବା ସହିତ ସମୟ ସମୟେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ପରିଚାଳନା କରିବା ପାଇଁ ବିଦ୍ୟାଳୟ କମିଟି ସଭାପତିଙ୍କ ସହିତ ବରିଷ୍ଠ ଶିକ୍ଷକ, ଜଣେ ଛାତ୍ର ଓ ଅନ୍ୟ ଜଣେ ଛାତ୍ରୀ ଏବଂ ତାଙ୍କର ଅଭିଭାବକ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ ହେବ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା




ନୟାଗଡ଼, ୨୫।୬(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାରଦିନ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସିଡବ୍ଲ୍ୟୁସି ଅଧ୍ୟକ୍ଷ କିଶୋର ମହାପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସମାଜସେବୀ ଅରୁଣ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି।

## ସିଧାମୂଳା ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

ଖଣ୍ଡପଡ଼ା, ୨୫।୬(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ବାତ୍ୟା ଆଶ୍ରୟସ୍ଥଳୀରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିବାବେଳେ ବନ୍ୟା ଓ ବାତ୍ୟା ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କୁ ସାହାଯ୍ୟ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଖାଦ୍ୟ, ପାନୀୟଜଳ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ମହଜୁଦ ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଉକ୍ତ ମକ୍‌ଡ୍ରିଲରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ବିପର୍ଯ୍ୟୟ ସମୟରେ କିପରି ନିଜକୁ ସୁରକ୍ଷିତ ରଖି ଅନ୍ୟମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବେ ସେ ସମ୍ପର୍କରେ ଅଭ୍ୟାସ କରି ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ପକ୍ଷରୁ ମନୋଜ କୁମାର ସେଠୀ, ନବକିଶୋର ସାହୁ, ବିଜୟ କୁମାର ରାଉତ, ଅଭୟ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହିବା ସହିତ ଲୋକଙ୍କୁ ସଚେତନ କରିଥିଲେ।

ଭାରତ ସ୍କାଉଟ୍ ଓ ଗାଇଡ୍

## ରାଜ୍ୟ ପୁରସ୍କାର ପ୍ରମାଣପତ୍ର ବିତରଣ ଉତ୍ସବ



ଓଡଗାଁ, ୨୫।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବାଉଁଶ ଗାଡ଼ିଆ ଭୀମସେନ କୃଷି ନୋଡାଲ ସରକାରୀ ବିଦ୍ୟାପୀଠରେ ସୋମବାର ଭାରତ ସ୍କାଉଟ୍ ଏବଂ ଗାଇଡ୍ ରାଜ୍ୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜଙ୍କ ସଭାପତିତ୍ୱରେ ବିଦ୍ୟାଳୟର ୨୪ ଜଣ ସ୍କାଉଟ୍ ଓ ୧୮ ଜଣ ଗାଇଡ୍ ମୋଟ ୪୨ ଜଣଙ୍କୁ ରାଜ୍ୟ ପୁରସ୍କାର ପ୍ରମାଣପତ୍ର ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ ଲିଡର ଟ୍ରେନର ରମେଶ କୁମାର ବଳବନ୍ତରାୟ ଏବଂ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମୋ ସ୍କୁଲ୍ ସଭାପତି ପାଣ୍ଡବ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ଦୋରା ଏବଂ ବରିଷ୍ଠ ସାମ୍ବାଦିକ ଫକୀର ମୋହନ ମହାରଣା ଯୋଗଦେଇ ଥିଲେ। ଅତିଥିମାନେ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍‌ମାନଙ୍କର ଭୂମିକା, ଚରିତ୍ର ଗଠନ, ସେବା ଓ ଉତ୍ତମ ନାଗରିକ ହେବାପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ସ୍କାଉଟ୍ ଶିକ୍ଷକବିଜୟକୁମାରସେଠୀଧନ୍ୟବାଦଅର୍ପଣକରିଥିଲେ।

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

# ନମ୍ବର କେଳେଙ୍କାରୀରେ ଖଳନାୟକ କିଏ ?




ନୟାଗଡ଼, ୨୫।୬(ସମିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୋଇଥିବା ନମ୍ବର କେଳେଙ୍କାରୀ ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି ହୋଇଛି। ଅନେକ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ ଏବଂ ପ୍ରାଟିକାଲ ପରୀକ୍ଷା ମାର୍କରେ ଜାଣିଶୁଣି କମ ନମ୍ବର ଦିଆଯାଇଥିବା ଅଭିଯୋଗ ହୋଇଛି। ବାହାରେ ଦେଖାଯାଇଥିବା ଖାତାରେ ୯୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଙ୍କୁ ଟିଉସନ ନଯିବା କାରଣରୁ ନମ୍ବର କମାଇ ଦିଆଯିବା ଅଭିଯୋଗ ହୋଇଛି। ଉକ୍ତ ପରୀକ୍ଷାକୁ ପୁର୍ନବାର କରିବା ପାଇଁ ଦାବି କରିଛନ୍ତି ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକ ତଥା ଆଇନଜୀବୀ ବଳଭଦ୍ର ମହାନ୍ତି। ଏନେଇ ଛାତ୍ରୀ ଏବଂ ତାଙ୍କ ଅଭିଭାବକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକଙ୍କୁ ଭେଟି ଅଭିଯୋଗ କରିଥିବା ବେଳେ ଅଧ୍ୟକ୍ଷ ଏହି ଘଟଣାର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି। ୬ ଜଣିଆ କମିଟି ୭ ଦିନ ମଧ୍ୟରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିର୍ପୋଟ ଦେବାକୁ ସ୍ଥିର ହୋଇଛି। ଏହି କମିଟିରେ ବରିଷ୍ଠଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଥିବା ଅଧ୍ୟକ୍ଷ କହିଛନ୍ତି। ଅତ୍ୟନ୍ତ ସ୍ୱଚ୍ଛତାର ସହିତ ତଦନ୍ତ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ତେବେ ଏହି ଘଟଣାରେ ମୁଖ୍ୟ ଖଳନାୟକ କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କମ୍ପ୍ୟୁଟର୍ ସାଇନ୍ସ ବିଭାଗ ସେଲଫ ଡିପେଣ୍ଡାଣ୍ଟ କୋର୍ସ ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପାଠ ପଢ଼ା ଯାଉଛି। ଏହି ବିଭାଗରେ ପ୍ରାଟିକାଲ୍ ପାଇଁ ରହିଥିବା ଅନେକ କମ୍ପ୍ୟୁଟର୍ ଅଚଳ ଅବସ୍ଥାରେ ରହିଛି। ପ୍ରତି ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ନାମଲେଖା ସମୟରେ ବାର୍ଷିକ ୨୨ ହଜାର ଟଙ୍କା ଫୈଠ କରୁଥିବା ବେଳେ ସେମାନଙ୍କୁ କୌଣସି ସୁବିଧା କିମ୍ବା ସଠିକ ପାଠ କରାଯାଉନଥିବା ଅଭିଯୋଗ ହୋଇଛି। ଏହି ବିଭାଗର ପାଠ ପଢ଼ା ଦାୟିତ୍ୱରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୪ ଜଣ ଠିକା ଅଧ୍ୟାପକ ଓ ଅଧ୍ୟାପିକା ରହିଥିଲେ। ସମସ୍ତେ ଘରୋଇ ଟିଉସନ୍‌କୁ ଗୁରୁତ୍ୱ ଦେଉଥିବା ବେଳେ ମହାବିଦ୍ୟାଳୟରେ ପାଠ ପଢ଼ା ପ୍ରତି ଆଦୌଗୁରୁତ୍ୱ ଦେଉନଥିଲେ। ପ୍ରତି ପେପର ପିଛା ବାର୍ଷିକ ୧୧ ହଜାର ଟଙ୍କା ଲେଖାଏଁ ଟିଉସନ୍ ଫିସ୍ ଆଦାୟ କରୁଥିଲେ। ଏନେଇ ଛାତ୍ରୀ ପୂର୍ବରୁ ପୂର୍ବତନ ଅଧ୍ୟକ୍ଷଙ୍କୁ ଅଭିଯୋଗ କରୁଥିଲେ। ଅଧ୍ୟକ୍ଷ ଏହାକୁ ଗୁରୁତ୍ୱ ଦେଇନଥିବା ବେଳେ ସମ୍ପୃକ୍ତ ଅଧ୍ୟାପିକା ଆକ୍ରୋଶ ମନୋଭାବ ରଖି ଛାତ୍ରୀଙ୍କ ମାର୍କ କମାଇ ଦେଇଥିବା ଅଭିଯୋଗ ହୋଇଛି। ସେହିଭଳି ଭାବେ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ପାଇଁ ପରିଚାଳନା ପରିଷଦ ଜଣେ ସଂଯୋଜକଙ୍କୁ ନିଯୁକ୍ତ କରିଥିବା ବେଳେ, ସେ କୌଣସି ଦାୟିତ୍ୱ ତୁଲାଉନଥିବା ଅଭିଯୋଗ ହୋଇଛି। ସେହିଭଳି ଭାବେ ଜୈନିକ ଅଧ୍ୟାପକ ଆଦୌ କ୍ଲାସ କରିନଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଖୋଳତାଡ କରାଗଲେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶିକ୍ଷା ଅବ୍ୟବସ୍ଥା ଦୂର ହୋଇ ପାରିବ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଏମ୍‌ଏସ୍‌ଡବ୍ଲ୍ୟୁରେ ବିଭାଗରେ ସମାନ ସ୍ଥିତି

ନୟାଗଡ଼, ୨୫।୬(ସମିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏମଏସ୍‌ଡବ୍ଲ୍ୟୁ ବିଭାଗରେ ମଧ୍ୟ ସମାନ ସ୍ଥିତି ରହିଥିବା କିଛି ପୂରାତନ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଘରୋଇ ଟିଉସନ୍ ଯିବାକୁ ବାରମ୍ବାର ବାଧ କରିଥାନ୍ତି। ମହାବିଦ୍ୟାଳୟରେ ପଠା ନପଢ଼ାଇ ଟିଉସନକୁ ସେମାନେ ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରଛାତ୍ରୀମାନେ ମୁହଁ ଖୋଲି ପାରୁନଥିବା ବେଳେ ଗୋଟିଏ ସେମିଷ୍ଟାର ପିଛା ୫ ହଜାର ଲେଖାଏଁ ଟିଉସନ ଫିସ୍ ଆଦାୟ କରାଯାଉଥିବା ଜଣାଯାଇଛି। ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରିଚାଳନା କମିଟି ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ସକାଳ THE SAKALA



## ଜଗଦମ୍ବା ସରସ୍ୱତୀଙ୍କ ପୁଣ୍ୟତିଥି



**ଖୋର୍ଦ୍ଧା, ୨୫।୬(ସମିସ):** ପ୍ରଜାପିତା ବ୍ରହ୍ମବାବା ସର୍ବପ୍ରଥମେ ଯେଉଁ କୁମାରୀଙ୍କୁ ବ୍ରହ୍ମକୁମାରୀ ସଂସ୍ଥାର ପରିଚାଳନା ଦାୟିତ୍ୱ ପ୍ରଦାନ କରିଥିଲେ ତାଙ୍କ ନାମ ଥିଲା ମାତେଶ୍ୱରି ଜଗଦମ୍ବା ସରସ୍ୱତୀ। ସେହି ମହାନ ମହିୟସୀ ବାଲ ବ୍ରହ୍ମଚାରିଣୀ ମାଆଙ୍କ ପୁଣ୍ୟ ତିଥି ଆଜି ସ୍ଥାନୀୟ ଗୋଡିପୋଖରୀସ୍ଥିତ ବ୍ରହ୍ମକୁମାରୀ ସେବା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ସଞ୍ଚାଳିକା ବ୍ରହ୍ମକୁମାରୀ ଅନୁରାଧାଙ୍କ ସଭାପତିତ୍ୱରେ ଆୟୋଜିତ ଆଧ୍ୟାତ୍ମିକ ସଭାରେ ବିଭିନ୍ନ ଗ୍ରାମରୁ ଶତାଧିକ ଭାଇଭଉଣୀ ଯୋଗଦେଇ ମାତେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ଯୋଗ ସାଧନା କରି ପରମାତ୍ମାଙ୍କ ନିକଟରେ ଶାନ୍ତି ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା କାରାଗାର ଅଧିକ୍ଷକ ରାଜୀବ କୁମାର ଦାସ ଯୋଗଦାନ କରି ମାତେଶ୍ୱରୀଙ୍କ ତ୍ୟାଗ ତପସ୍ୟା ଓ ସେବା ସମ୍ପର୍କରେ ବର୍ଣ୍ଣନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ, ମାତେଶ୍ୱରୀ ଜଗଦମ୍ବାଙ୍କ ଗୁଣଗାନ କରି ତାଙ୍କ ପରି ଜ୍ଞାନ ଓ ଗୁଣରେ ଭରପୁର ହେବା ପାଇଁ ତଥା ତାଙ୍କ ଆଦର୍ଶ, ସରଳ, ଜୀବନ ଅତିବାହିତ କରିବା ପାଇଁ କହି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମୂହିକ ବ୍ରତୋପନୟନ



**ଖୋର୍ଦ୍ଧା, ୨୫।୬(ସମିସ) :** ଖୋର୍ଦ୍ଧା ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ସାମୁହିକ ବ୍ରତୋପନୟନ ଆୟୋଜିତ ହୋଇଯାଇଛି। ୩ବ୍ରାହ୍ମଣ ପରିବାର ପିଲାଙ୍କୁ ବୈଦିକ ରୀତିରେ ବ୍ରତୋପନୟନ କରାଯାଇଥିଲା। ସକାଳ ୭ଟାରେ ଚାରିକର୍ମ ପରେ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜିବୀ, ଶିକ୍ଷାବିତ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ନବ ବ୍ରହ୍ମଚାରୀଙ୍କୁ ଆର୍ଶୀବାଦ କରିଥିଲେ। ମହାସଭାର ଜିଲ୍ଲା ସଭାପତି ଜ୍ଞାନରଞ୍ଜନ ଦାଶ, କାର୍ଯ୍ୟକାରୀ ସଦସ୍ୟ ପ୍ରଭାତ ମିଶ୍ର, ଗୀତାଗବେଷଣା ପରିଷଦର ସମ୍ପାଦକ ତଥା ବରିଷ୍ଠ ଆଇନଜିବୀ ଶକ୍ତିଶଙ୍କର ମିଶ୍ର ଏବଂ ଅନ୍ୟ ପରିଚାଳନା ପରିଷଦ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମହାସଭା ପକ୍ଷରୁ ବ୍ରହ୍ମଚାରୀ ମାନେ ନଗର ପରିକ୍ରମା କରିଥିଲେ। ଏଥିରେ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଜଟଣୀ, ୨୫।୬(ସମିସ):**ଜଟଣୀ ନିକଟସ୍ଥ ବିଶିଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜଟଣୀ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଆଞ୍ଚଳିକ ସ୍ତରରେ ସ୍ୱେଚ୍ଛାସେବୀ ମାନେ ପ୍ରତ୍ୟେକ ଅମୂଲ୍ୟ ଜୀବନକୁ ସମ୍ପୂର୍ଣ ଭାବେ ପୁନର୍ଜୀବିତ କରିବାକୁ ପ୍ରୟାସ ଜାରି ରଖି ସ୍ୱେଚ୍ଛାକୃତ



ଭାବେ ରକ୍ତ ଦାନ କରିଛନ୍ତି। ରକ୍ତଦାନ ଶିବିରରେ ଶିଶୁ ମନ୍ଦିର ଶିକ୍ଷା ଅନୁଷ୍ଠାନର ଗୁରୁଜୀ, ଗୁରୁମା, ପୁରାତନ ଛାତ୍ରଛାତ୍ରୀ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଏଥିରେ ସମୁଦାୟ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ବେଳେ ଏହାକୁ ଜିଲ୍ଲା ରକ୍ତ ଭଣ୍ଡାର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରା ହୋଇଛି ବୋଲି ସୁରକ୍ଷା ମଞ୍ଚର ସଭାପତି ଶିବୁ ରତନ ଯୋଶୀ ଓ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି।

# ଅଣସରରେ ପ୍ରଭୁ ଅନନ୍ତ ପୁରୁଷୋତ୍ତମ

**ଖୋର୍ଦ୍ଧା, ୨୫।୬(ସମିସ)**

ଇଚ୍ଛାମୟ, ଲୀଳାମୟ ଓ ଭାବମୟ ଠାକୁର ହେଉଛନ୍ତି ପ୍ରଭୁ ଅନନ୍ତପୁରୁଷୋତ୍ତମ।ତାଙ୍କର ସଂସ୍କୃତି ପରମ୍ପରା ଓ ପୂଜା ପଦ୍ଧତି ଅତି

### ଚାଲିଛି ଗୁପ୍ତସେବା



ମହାନ। ସମନ୍ୱୟର ଠାକୁର ପ୍ରଭୁ ଅନନ୍ତପୁରୁଷୋତ୍ତମଙ୍କ ଘୋଷଯାତ୍ରା ଭଗବାନ ଓ ଭକ୍ତଙ୍କ ମିଳନର ପ୍ରତୀକ। ଦେବସ୍ନାନ ପୂର୍ଣ୍ଣମାରେ ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧା ମୂରତୀ। ଅଣସର ବାସରେ ଉପଚାର ପାଇଁ ମଠର ବାବାଜିମାନଙ୍କ ଦ୍ୱାରା ଚାଲିଛି ଗୁପ୍ତସେବା।ଅଣସରରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରାଯାଉଥିବାବେଳେ ଜେଷ୍ଠ ଶୁକ୍ଳ ତୃତୀୟାରେ ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଇଥାଏ। ତେବେ ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପର୍ଣ୍ଣ, ପଞ୍ଚମୀରେ ଫୁଲରୀ ତେଲ, ଷଷ୍ଠିରୁ ନବମୀ ମଧ୍ୟରେ ଠାକୁରଙ୍କୁ ଓଷୁଓ ଲାଗି କରାଯାଇଥାଏ ବୋଲି ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ ସୂଚନା ଦେଇଛନ୍ତି। ଅଣସର ଘର ପ୍ରବେଶ ଦିନ ଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ କରାଯାଇ ଭୋଗ ଲାଗି ହୋଇଥାଏ। ଏକାଦଶୀରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ ବୋଲି ପୂଜକ କହିଛନ୍ତି।

ଖୋର୍ଦ୍ଧା ସହର ଉପକଣ୍ଠ ଜାଗୁଳେଇପାଟଣା ସ୍ଥିତ ଅନନ୍ତ ପୁରୁଷୋତ୍ତମ ପୂର୍ଣ୍ଣବିଗ୍ରହଙ୍କ ଘୋଷଯାତ୍ରା ଏବଂ ଶ୍ରୀକ୍ଷେତ୍ର ଘୋଷଯାତ୍ରାର ରୀତିନୀତି ମଧ୍ୟରେ ପାର୍ଥକ୍ୟ ନଥିବା ବେଳେ କେବଳ ରଥ ପ୍ରସ୍ତୁତିରେ ରହିଛି ପାର୍ଥକ୍ୟ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥ ନନ୍ଦିଘୋଷରେ ବିଜେ କରୁଥିବା ବେଳେ ବଡ଼ଭାଇ ବଳଭଦ୍ର ଏବଂ ମା'ଶୁଭଦ୍ରା ଦର୍ପଦଳନ ଓ ତାଳଧ୍ୱଜ ରଥରେ ବିଜେ କରିଆସୁଛନ୍ତି। ମାତ୍ର ଜାଗୁଳେଇପାଟଣା ଠାରେ ତିନି ଭାଇଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ରଥାରୂଢ ହୋଇ ମାଉସି ମା'ମନ୍ଦିରକୁ ବିଜେ କରିବାର ପରମ୍ପରା କେଉଁ ଆବାହନକାଳରୁ ଜାରି ରହିଛି। ପ୍ରାୟ ୪୪ବର୍ଷ ହେବ ଏଠାରେ ନିୟମିତ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ତେବେ ପ୍ରଭୁ ଅନନ୍ତପୁରୁଷୋତ୍ତମ ଦେବଃ ଏବେ ଅଣସର ଘରେ ଥିବାରୁ କେବେ ଭକ୍ତ ଓ ଭଗବାନଙ୍କ ମିଳନ ହେବ ତାକୁ ଉତ୍କଣ୍ଠାର ସହିତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଅନାଇ ବସିଛନ୍ତି।

## ● ମୌସୁମୀର ଲୁଚକାଳି
## ମୁଣ୍ଡରେ ହାତ ଦେଇ ବସିଛି ଚାଷୀ

**ଭୂଷଣ୍ଡପୁର, ୨୫।୬(ସମିସ):**ଟାଙ୍ଗୀ ବ୍ଲକର ଚିଲିକା କୂଳ ସନିକଟ ପଞ୍ଚାୟତରେ ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଚାଷୀ ବୁଣିଥିବା ବିହନ ବିଲରେ ଖତ ହେବାରେ ଲାଗିଛି। ରଜ ପୂର୍ବରୁ ଖରିଫ ଧାନ ପାଇଁ ବୁଣାଯାଇଥିବା ବିହନ ଆଜି ପର୍ଯ୍ୟନ୍ତ ସଠିକ ବର୍ଷାର ଅଭାବ ଯୋଗୁଁ ଧାନ ଗଜା ଉଠିବାରେ ବିଳମ୍ବ ହୋଇ ଧାନ ଖତ ହୋଇଯାଇଛି। ଏଠିକାର ଚାଷୀ ସଠିକ ବିହନ କୃଷି ବିଭାଗରୁ ନପାଇ ଯାହା ପାରିଲା ସେଇ ବିହନ ବୁଣିଥାଏ ବୋଲି ଚାଷୀ ଅଭିଯୋଗ କରିଛନ୍ତି।ବର୍ତ୍ତମାନ ଅହେତୁକ ଦରଦାମ ବୃଦ୍ଧି ସାଙ୍ଗକୁ ଅସହ୍ୟ ଗୁଳୁ ଗୁଳି ସହିତ ବର୍ଷାର ଲୁଚକାଳି ଖେଳ ଚାଷୀମାନଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ, ଓଜଳାଗୋପୀନାଥପୁର, ସୁନ୍ଦରପୁର ପ୍ରଭୃତି ପଞ୍ଚାୟତର ଚାଷୀମାନେ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

## ଚିଲିକାରେ ନୌକା ଚାଳନା ପ୍ରତିଯୋଗିତା

**ବାଲୁଗାଁ; ୨୫।୬ (ସମିସ) :** ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକାରେ ପ୍ରଶିକ୍ଷଣ ନେଉଥିବା ୦୧/୨୪ ବ୍ୟାଚ୍ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ପାଇଁ ସୋମବାର ଏକ ରୋମାଞ୍ଚକର ଡ଼ଙ୍ଗା ଆହୁଲା ପ୍ରତିଯୋଗିତା 'ରେଗାଟା' ଅନୁଷ୍ଠିତ ହୋଇଯାଇଛି। ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଦୁଃସାହସିକତା ମନୋଭାବ ସୃଷ୍ଟି କରିବା, ଜଳପ୍ରବାହ କୌଶଳ ବଢ଼ାଇବା, ମାନସିକ ଓ ଶାରୀରିକ ଶକ୍ତି ବିକାଶ କରିବା ଲାଗି ନୌକା ଆହୁଲା ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା। ଅଗ୍ନିବୀର ପ୍ରଶିକ୍ଷଣ ପ୍ରାପ୍ତ ୮ଟି ଟ୍ରେନିଂ ଡିଭିଜନ୍ ଏବଂ ଜାହାଜର କର୍ମକର୍ତ୍ତାଙ୍କ ୪ଟି ଦଳକୁ ନେଇ ସମୁଦାୟ ୧୨ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମ୍ମାନ ଜନକ 'ରେଗାଟା' ଟ୍ରଫି ହାସଲ କରିବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଯାହାକୁ ପାରମ୍ପାରିକ ଭାବରେ 'କକ୍' ବୋଲି କୁହାଯାଏ। ନୌସେନା ପ୍ରଶିକ୍ଷଣ କେନ୍ଦ୍ର ତଟବର୍ତ୍ତୀ ତଥା ଏସିଆର ବୃହତ୍ତମ



ହ୍ରଦ ଚିଲିକା ଜଳ ରାଶିରେ ନୌକା ଆହୁଲା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସମସ୍ତ ୧୨ ଟି ଦଳ ୨୭ ଫୁଟ ଲମ୍ବର 'ଡି.କେ ହ୍ୱାଲର୍ସ' (ବୋଟ) କୁ ନେଭିଗେଟ୍ କରିଥିଲେ। ପ୍ରତ୍ୟେକ ହ୍ୱାଲର୍ସଙ୍କୁ ଏକ ଦଳ ତଥା 'ରୋୟର' ଏବଂ ଗୋଟିଏ କକ୍ସୱେନ୍ ତଥା 'ହେଲମ' ଦ୍ୱାରା ପରିଚାଳିତ କରାଯାଇଥିଲା।ନୌକା ଚାଳନା ତଥା ବୋଟ ଟାଣିବା 'ରେଗାଟା' ଭାରତୀୟ ନୌସେନାର ଏକ ଅନ୍ୟତମ ସମ୍ମାନଜନକ ତଥା ପାରମ୍ପାରିକ କ୍ରୀଡା କାର୍ଯ୍ୟକଳାପ ଅଟେ।

ପ୍ରତିଯୋଗିତାରେ ଆଙ୍ଗ୍ରେ ଡିଭିଜନର ଦଳ ସାମଗ୍ରିକ ଚାମ୍ପିଅନ୍ ଭାବରେ ବିବେଚିତ ହୋଇଥିଲେ। ଚିଲିକା ନୌସେନା କମାଣ୍ଡିଂ ଅଫିସର କମୋଡୋର ଏନ୍‌ପି ପ୍ରଦୀପ ବିଜେତା ଦଳ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜାହାଜ କର୍ମଚାରୀ ସାମିଲ ହୋଇ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବାଣପୁର, ୨୫।୬(ସମିସ):** ବାଲୁଗାଁ ବାଣପୁର ଅଞ୍ଚଳରେ ବେଶ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ବିଘ୍ନେଶ୍ୱର ପଣ୍ଡା ଗତ ୧୪ ତାରିଖରେ ୬୩ ବର୍ଷ ବୟସରେ ଇହଲୀଳା ତ୍ୟାଗ କରିଛନ୍ତି। ମଙ୍ଗଳବାର ସ୍ୱର୍ଗତ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ନିଜ ଅଲାଇଡିହ ଗ୍ରାମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀ, ବନ୍ଧୁ ଓ ପରିଜନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ତିନି କନ୍ୟା ଉପସ୍ଥିତ ରହି



କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ପଣ୍ଡା ବାଲୁଗାଁ ଭେଙ୍କଟେଶ୍ୱର ବିଦ୍ୟାଳୟର ସଂସ୍ଥାପକ ସଦସ୍ୟ ଥିବାରୁ ବିଦ୍ୟାଳୟ ତରଫରୁ ସଭାପତି ରଞ୍ଜିତ କୁମାର ପ୍ରଧାନ, ସମ୍ପାଦିକା ସସ୍ମିତା ପ୍ରଧାନ ଓ ଅଧକ୍ଷ ରାମଚନ୍ଦ୍ର ସାସମଲଙ୍କ ପରିଚାଳନାରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପରିସରରେ ଶୋକ ସଭା ହୋଇଯାଇଛି।

## ପିସିପିଏନ୍‌ଟି ପରାମର୍ଶଦାତା କମିଟି ବୈଠକ

**ଖୋର୍ଦ୍ଧା, ୨୫।୬(ସମିସ):** ପ୍ରାକ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ନିର୍ଦ୍ଧାରଣ କୌଶଳ ଅଧିନିୟମ(ପିସିପିଏନଟି) ପରାମର୍ଶଦାତା କମିଟି ବୈଠକ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିଲେ। ବୈଠକରେ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ ଗୁଡିକର ଜିଲ୍ଲାପାଳ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକ ସଠିକ ଭାବେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଲିଙ୍ଗ ଅନୁପାତ ଝିଅ ମାନଙ୍କ ସଂଖ୍ୟା ହ୍ରାସ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।ଜିଲ୍ଲାର ବାଲୁଗାଁ, ବାଣପୁର, ଟାଙ୍ଗି, ବୋଲଗଡ଼ ବ୍ଲକ ଗୁଡିକରେ କନ୍ୟା ସନ୍ତାନଙ୍କ ଜନ୍ମ ହାର ଅତି କମଥିବାରୁ ସେଠାରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ)ଡା. ରଘୁନାଥ ନାଏକ, ଡିପିଏମ ପ୍ରକାଶ ବାନାର୍ଜୀ ପ୍ରମୁଖ ଅଧିକାରୀ ଉପସ୍ଥିତଥିଲେ।

## ଭାରସାମ୍ୟ ହରାଇ ପୋଖରୀରେ ପଶିଗଲା ଅଟୋ

**ଟାଙ୍ଗୀ, ୨୫।୬(ସମିସ):** ମଙ୍ଗଳବାର ପୂର୍ବାହ୍ନ ୧୦ ଟା ସମୟରେ ଟାଙ୍ଗୀ ଥାନା ଅଧିନସ୍ଥ ପାଣିଦ୍ୱାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ରୋଷେଇ ଓ ପିଇବା ପାଣି ଯୋଗାଇ ଦେଉଥିବା ଅଟୋ ଭାରସାମ୍ୟ ହରାଇ ବିଦ୍ୟାଳୟ ନିକଟସ୍ଥ ପୋଖରୀ ମଧ୍ୟକୁ ପଶି ବୁଡିଯିବାରୁ ଡ୍ରାଇଭର ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ପରିସରରେ ପାନୀୟଜଳ ଯୋଗାଉଥିବା ନଳକୂପ ଦୀର୍ଘ ଦିନ ହେଲା ଅଚଳ ହୋଇଥିବାରୁ ମଧ୍ୟାହ୍ନ ଭୋଜନ, ରୋଷେଇ ଓ ଛାତ୍ରଛାତ୍ରୀଙ୍କ ପିଇବା ପାଣି ପ୍ରଧାନଶିକ୍ଷୟିତ୍ରି ଗତ ତିନିବର୍ଷ ହେଲା କିଣା ପାଣି ରେ କର୍ତ୍ତବ୍ୟ ସମ୍ପାଦନା କରିଆସୁଥିଲେ। କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପାନୀୟଜଳ ବ୍ୟବସ୍ଥା ର ସମାଧାନ ହୋଇପାରୁନଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ପୋଖରୀରୁ ଅଟୋକୁ ଉଦ୍ଧାର କରିବା ସହିତ ଚାଳକକୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।



## ବାଲୁଗାଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳା

# ଆସିଲା ବର୍ଷା; ସଫା ହେଲାନି ନାଳ ନର୍ଦ୍ଦମା

**ବାଲୁଗାଁ, ୨୫।୬(ସମିସ)**

ରାଜ୍ୟରେ ମୌସୁମୀ ପହଞ୍ଚି ଯାଇ ବର୍ଷା ଆରମ୍ଭ ହୋଇଥିବା ବେଳେ ସହରାଞ୍ଚଳରେ ଥିବା ସମସ୍ତ ରାସ୍ତା, ଡ୍ରେନ ଆଦି ନିୟମିତ ସଫା କରିବା ଲାଗି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପୌରାଞ୍ଚଳ ମୁଖ୍ୟ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ଅଧିନସ୍ଥ ବାଲୁଗାଁ ପର୍ଯ୍ୟଟନ ଓ ମତ୍ସ୍ୟ ବ୍ୟବସାୟୀକ ପେଣ୍ଠ ସ୍ଥଳ ଭାବେ ବେଶ ପରିଚିତ। ଦୈନିକ ଏଠାକୁ ହଜାର ହଜାର ଲୋକଙ୍କ ଯାତାୟତ ଲାଗି ରହିଥାଏ। ବର୍ଷାଋତୁ ପୂର୍ବରୁ ସହରାଞ୍ଚଳ ନୀୟମ ଅନୁଯାୟୀ ପରିଷଦ ଅଧିନରେ ଥିବା ସମସ୍ତ ଡ୍ରେନ ଓ ନାଳ ନର୍ଦ୍ଦମା ସଫା କରିଯିବା କଥା ମାତ୍ର ଏଯାବତ୍ ଡ୍ରେନ ସଫା କରାଗଲା ନାହିଁ। ବାଲୁଗାଁ ଏନ୍‌ଏସି କର୍ତ୍ତୃପକ୍ଷ ବିଭାଗୀୟ ନିର୍ଦ୍ଦେଶକୁ ବେଖାତିରି କରି ଅଦ୍ୟାବିଧି ଅଞ୍ଚଳର କୌଣସି ନାଳ ନର୍ଦ୍ଦମା ତଥା ଡ୍ରେନ ସଫାକଲେ ନାହିଁ।ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସରୁ ଦେଶର ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ତଥା ସ୍ୱଚ୍ଛ ପରିମଳ ବ୍ୟବସ୍ଥା ବାଲୁଗାଁ ଏନ୍‌ଏସିରେ ସମ୍ପୂର୍ଣ୍ଣ ବିଫଳ ହୋଇପଡ଼ିଛି। ଫଳରେ ସାମାନ୍ୟ ବର୍ଷାରେ ବାଲୁଗାଁ ଅଞ୍ଚଳର ସମସ୍ତ ଡ୍ରେନ ପରିପୂର୍ଣ୍ଣ ହୋଇ ଯାଇଥିବା ବେଳେ ଆଗାମୀ ଦିନରେ ଅଧିକା ବର୍ଷା ହେଲେ ଡ୍ରେନ ଜାମ ହୋଇ ରାସ୍ତା ଉପରେ





ବର୍ଷା ଓ ଡ୍ରେନ ପାଣି ଢେଉ ଖେଳିବାକୁ ଏଡାଇ ହେବ ନାହିଁ। ଯାହା ଦ୍ୱାରା ୱାର୍ଡ଼ବାସିନ୍ଦାମାନେ ନାହିଁ ନଥିବା ହଇରାଣ ହରକତ ହେବେ। ବାଲୁଗାଁ ଏନ୍‌ଏସିରେ ସ୍ୱଚ୍ଛ ପରିମଳ ସେବା ପାଇଁ ପ୍ରତ୍ୟକ ମାସରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଥିବା ବେଳେ ପ୍ରଶାସନର ଅପାରଗତା ଯୋଗୁଁ ବିଭିନ୍ନ ୱାର୍ଡ଼ରେ ସର୍ବଦା ସଫେଇ କାର୍ଯ୍ୟ ହେଉ ନଥିବା ବେଳେ ଅଳିଆ ନେବା ପାଇଁ ଆସୁଥିବା ଗାଡି ଦିନେ ଆସିଲେ ଦିନେ ବନ୍ଦ ରହୁ ଥିବା ୱର୍ଡ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ତତ୍‌ସହିତ ମାସ ମାସ ଧରି ଡ୍ରେନ ସଫା କରାଯାଉ ନଥିବାରୁ ଡ୍ରେନ ଜାମ ହୋଇ ପଡ଼ି ନର୍ଦ୍ଦମା ପଚା ପାଣି ରାସ୍ତା ଉପରେ ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

ବାଲୁଗାଁ ଏନ୍‌ଏସି ୧୧ଟି ୱାର୍ଡ଼କୁ ନେଇ ଗଠିତ। ୧ନଂ ୱାର୍ଡ଼ ଠାରୁ ୭ନଂ ୱାର୍ଡ଼ ପର୍ଯ୍ୟନ୍ତ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦିଆଯାଇଅଛି। ଅବଶିଷ୍ଟ ୪ଟି ୱାର୍ଡ଼ ନିମନ୍ତେ ଏନ୍‌ଏସିର ୮ଜଣ ରେଗୁଲାର ଓ ୯ଜଣ ଡ଼ିଏଲଆର ସଫେଇ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଅଳିଆ ଉଠାଇବା ପାଇଁ ୨ଟି ଟ୍ରାକ୍ଟର ସହ ଓଦା ଅଳିଆ ସଂଗ୍ରହ ପାଇଁ ୬ଗୋଟି ବିଓବି ଗାଡ଼ି ଏବଂ ୧୫ ଗୋଟି ଅଳିଆ ଉଠାଇବା ଟ୍ରଲି ନିୟୋଜିତ କରାଯାଇଛି। ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡ଼ ଓ ମୁଖ୍ୟ ରାସ୍ତାରେ କେବେ ବି ଟୋପାଏ ମଶା ତେଲ ପଡୁନାହିଁ କି ବ୍ଲିଚିଂ ମୁଠାଏ ପଡୁନଥିବା ବେଳେ ଫିନାଇଲ୍ କଥା ନ କହିଲେ ବହୁତ ଭଲ। ୱାର୍ଡ଼ ବାସିନ୍ଦାମାନେ ଏନ୍‌ଏସିରେ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ଏହାର କୌଣସି ସୁଫଳ ମିଳିନାହିଁ। ବ୍ଲିଚିଂ ପାଉଡ଼ର, ମଶା ତେଲ ଓ ଫିନାଇଲ୍ ପ୍ରଭୃତି କିଣାରେ ମିଥ୍ୟା ବିଲ୍ କରି ଅର୍ଥ ହଡ଼ପ କରାଯାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସ୍ୱଚ୍ଛ ଭାରତ ସ୍ୱଚ୍ଛ ସହର ଏଠାରେ କାଗଜ କଲମରେ ଚାଲିଥିବା ଚର୍ଚ୍ଚା ହେଉଛି।

ସୂଚନା ଯେ, ଗତ କିଛି ମାସ ତଳେ ଏନଏସିର ୧ନଂ ୱାଡର ସୂର୍ଯ୍ୟନଗରରେ ୩୮ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ ଯୋଗୁଁ ବର୍ତ୍ତମାନ ଅସରାଏ ବର୍ଷା ହେଲେ ଡ୍ରେନରୁ ପାଣି ନିଷ୍କାସନ ହୋଇ ନପାରି ନବନିର୍ମିତ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମୁଛି। ଡ୍ରେନ ମଧ୍ୟରୁ ପାଣି ନିଷ୍କାସନ ନହେବାରେ ବହୁଦିନ ଧରି ଜମି ରହି ହିଆଳି ଜମି ଦୃଗନ୍ଧମୟ ପରିବେଶ ମଧ୍ୟରେ ସାହିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମଶା ବଂଶ ବୃଦ୍ଧି ପାଇବା ଯୋଗୁଁ ମଶାଙ୍କ ଦାଉରେ ସାହିବାସିନ୍ଦା ନାହିଁ ନଥିବା ଅବସ୍ଥା ଭୋଗୁଛନ୍ତି। ଏନେଇ ସାହିବାସିନ୍ଦା ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ଏଯାବତ ଏହାର କୌଣସି ସମାଧାନ ହୋଇ ପାରିଲା ନାହିଁ। ବର୍ତ୍ତମାନ ମୌସୁମି ବର୍ଷା ଆରମ୍ଭ ହୋଇଯାଇ ଥିବାରୁ ସୂର୍ଯ୍ୟନଗର ବାସିନ୍ଦା ଚିନ୍ତାରେ ପଡ଼ିଛନ୍ତି। ତତ୍ ସହିତ ଏନଏସି ଅଧିନ ଜେନା କଲୋନୀ, ବାଲୁଗାଁ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ଅଶୋକ ନଗର, ଚକ୍ରଧରପୁର ଓ କାଇଁଚପୁର ଆଦି ସ୍ଥାନରେ ଡ୍ରେନର ସୁବିଧା ନଥିବାରୁ ବର୍ଷା ହେଲେ ରାସ୍ତା ଉପରେ ପାଣି ବହୁଛି। ଏହାକୁ ଗୁରୁତ୍ୱର ସହ ନେଇ ଉପରିସ୍ଥ ବିଭାଗୀୟ ଅଧିକାରୀ ଓ ଗୃହ ନଗର ଉନ୍ନୟନ ସଚିବ ଧ୍ୟାନ ଦେବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

## ମୋରମ ବୋଝେଇ ହାଇୱା ଜବତ; ୩ ଗିରଫ



**ଖୋର୍ଦ୍ଧା, ୨୫।୬(ସମିସ):** ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଅରାଙ୍ଗରୋଡରୁ ପୁଲିସ ବେଆଇନ ମୋରମ ବୋଝେଇ ୪ଟି ହାଇୱା ଗାଡିକୁ ଜବତ କରିଛି। ଏହି ଘଟଣାରେ ପୁଲିସ ୩ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫମାନେ ଫତେଗଡ଼ ଥାନା ବଦିଲୋ ର ସୁରେଶ କୁମାର ଜେନା (୨୦), ଗୁରୁଜଙ୍ଗ ର ସଞ୍ଜୟ କୁମାର ସାହୁ (୪୮) ଏବଂ ବେଗୁନିଆ ଥାନା ବାଜପୁରର ସୁଦାମ ବେହେରା (୨୮)।

ସୂଚନା ଅନୁସାରେ, ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ବେଆଇନ ଖଣି ଖନନ ହେଉଥିବା ଅଭିଯୋଗ ହେଉଥିବାବେଳେ ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରିଛି। ବିଗତ ଦିନରେ ଘନ ଘନ ଚଢ଼ଉ ଫଳରେ କିଛିଦିନ ଖଣି ଖନନ ବନ୍ଦ ରହିଥିଲା। ମାତ୍ର ସୋମବାର ରାତିରେ ବେଆଇନଭାବେ ମୋରମ ବୁହା ହେଉଥିବା ପୁଲିସ ଖବର ପାଇଥିଲା। ରାତି ପ୍ରାୟ ଗୋଟାଏ ସମୟରେ ଏସ୍‌ଆଇ ସସ୍ମିତା ବେହେରା ଟିମ୍ ସହ ଯାଇ ଅରାଙ୍ଗରାସ୍ତାରେ ବେଆଇନ ମୋରମ ବୋଝେଇ ଓଡ଼ି.୦୨-ଜେ-୪୨୭୧, ଓଡ଼ି.୦୫ ଏ-୫୫୧୪, ଓଡି ୧୮ବି-୪୩୩୩ ଏବଂ ଓଡ଼ି-୦୨ସିବି ୧୯୭୦ ନଂ ବିଶିଷ୍ଟ ୪ଟି ହାଇୱାକୁ ଜବତ କରିଥିଲେ।ଏହି ଘଟଣାରେ ପୁଲିସ ୧୪୮/୨୪ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

